Annual Subscription Rs. 50.00 only

# ମାତୃଭବନ ପତ୍ର

ମାସିକ ଶିକ୍ଷା ଓ ସଂସ୍କୃତି ପତ୍ରିକା

ଅଷ୍ଟବିଂଶ ବର୍ଷ ◆ ଅଷ୍ଟମ ସଂଖ୍ୟା ◆ ଜାନୁୟାରୀ ୨୦୧୯

Leaving the past far behind us, let us run towards a luminous future.

(1933) -**The Mother**

ଅତୀତକୁ ପଛରେ ବହୁ ଦୂରରେ ଛାଡ଼ି, ଆସ ଆମେ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ଅଭିମୁଖେ ଆଗେଇ ଚାଲିବା ।

- ଶ୍ରୀମା

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

୨୧.୦୨.୨୦୧୯



ମଧୁମୟୀ ଦିବ୍ୟଜନନୀ ଶ୍ରୀମାଙ୍କର ୧୪୧ତମ ପବିତ୍ର
ଜନ୍ମତିଥିରେ **"ମାତୃଭବନ ପତ୍ର"**ର
କୃତଜ୍ଞତାପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

# ଶ୍ରୀ ରାମକୃଷ୍ଣ ଦାସଙ୍କ ସହ ପତ୍ରାଲାପ...

ଭଗବାନ ଯାହାକୁ ଥରେ ସ୍ୱୀକାର କରି ନିଅନ୍ତି ତାକୁ କେବେ ବି ଛାଡ଼ନ୍ତି ନାହିଁ। ବ୍ୟକ୍ତି କର୍ମଫଳ ଭୋଗେ; କିନ୍ତୁ ଭଗବାନ ତାଙ୍କୁ ଛାଡ଼ନ୍ତି ନାହିଁ। ପରିବର୍ତ୍ତନ ନିଶ୍ଚିତ ରୂପେ ହୁଏ। ପରିବର୍ତ୍ତନ ଶୀଘ୍ର ହୁଏ ଯଦି ବ୍ୟକ୍ତି ଭଗବାନଙ୍କ ଉପରେ ପୂର୍ଣ୍ଣରୂପେ ଛାଡ଼ି ଦେଇ ତାଙ୍କର ନାମଜପ କରେ। ବ୍ୟକ୍ତି ଯେତେ ଶାନ୍ତ, ଯେତେ ନିର୍ଭରଶୀଳ ହୁଏ, ଯେତେ ଆନ୍ତରିକ ଡାକ ହୁଏ, ଆନ୍ତରିକ ଅଭୀପ୍ସା ଉତ୍ପନ୍ନ ହୁଏ। ଆନ୍ତରିକ ଡାକ ସଙ୍ଗେ ସଙ୍ଗେ ଭଗବାନଙ୍କ ପାଖରେ ପହଞ୍ଚେ। ରାଗ, ହିଂସା, ଅଶାନ୍ତ ଅବସ୍ଥାର ଡାକ ଭଗବାନଙ୍କ ପାଖରେ ପହଞ୍ଚିବାରେ ବହୁତ ବିଳମ୍ବ ହୁଏ, ନିଜର ମନ, ପ୍ରାଣ, ଶରୀର ଉପରେ ବହୁତ ଚାପ ମଧ୍ୟ ପଡ଼େ। ନିଜ ମଧ୍ୟରେ ଶାନ୍ତି, ଭଗବାନଙ୍କ ଉପରେ ନିର୍ଭରତା ପ୍ରତିଷ୍ଠା ହେବାମାତ୍ରେ ବ୍ୟକ୍ତି ଯେଉଁ ପରିବର୍ତ୍ତନ ଚାହେଁ ତତ୍‌କ୍ଷଣାତ୍ ହୁଏ। ଅଶାନ୍ତ ଅବସ୍ଥାରେ ଭଗବତଶକ୍ତି କ୍ରିୟା କରିବାରେ ବାଧାପ୍ରାପ୍ତ ହୁଏ।



ଆପଣ ଅଧିକରୁ ଅଧିକ 'ମା' ଏହି ନାମ ନିରନ୍ତର ଜପ କରିବାକୁ ଦୃଢ଼ ସଙ୍କଳ୍ପ କରନ୍ତୁ। ତାଙ୍କରି ଉପରେ ଦୃଢ଼ ବିଶ୍ୱାସ ଭରସା ରଖନ୍ତୁ। ତାଙ୍କରି କୃପାରୁ ନିଶ୍ଚୟ ପରିବର୍ତ୍ତନ ହେବ। ଏଥିରେ ଟିକିଏ ମାତ୍ର ସନ୍ଦେହ ନାହିଁ।

**୨୧.୧୦.୮୧**

ସାଧାରଣ ଜୀବନରେ ତଥା ସାଧକ ଜୀବନରେ ବାଧା ଆସେ। ସାଧାରଣ ଜୀବନ ବାଧା କେବଳ ଦୁଃଖ ଦିଏ। ଅଧ୍ୟାତ୍ମ ଜୀବନର ବାଧା ସାଧନାରେ ଅଗ୍ରସର କରାଏ ଏବଂ ଯେଉଁ ଭାଗରେ ବାଧା ଆସେ ସେ ଭାଗକୁ ରୂପାନ୍ତର କରାଏ ତଥା ବାଧା ଆସିବା ମାର୍ଗ ବନ୍ଦ ହୋଇଯାଏ। ଅଧ୍ୟାତ୍ମ ମାର୍ଗର ବାଧା ଏହି ତିନୋଟି ଅସାଧାରଣ ହିତ କରେ। ବାଧା ସମୟରେ ବାଧାକୁ ପ୍ରଶ୍ରୟ ନଦେଇ ଅର୍ଥାତ ଯାହାଦ୍ୱାରା ବାଧା ଆସୁଛି ତା' ସହିତ ବାଦ ବିବାଦ ଝଗଡ଼ା ନକରି ଶାନ୍ତ ରହିବାକୁ ଚେଷ୍ଟା କରିବେ ଏବଂ ନିରନ୍ତର ନାମଜପ କରି ମା'ଙ୍କୁ ସମର୍ପଣ କରିବେ। ଏପରି କଲେ ଆମର ପ୍ରାଣରେ ଯେଉଁ ଭାଗରେ ବାଧା ଆସୁଛି ଏବଂ ପ୍ରତିକ୍ରିୟା ହେଉଛି ସେ ଭାଗ ଦୃଢ଼ ହୁଏ। ଅର୍ଥାତ୍ ସେଥିରେ ପ୍ରତିକ୍ରିୟା ହୁଏ ନାହିଁ। ଏହାହିଁ ହେଲା ସାଧନାରେ ଉନ୍ନତି। ଯେଉଁ କାରଣରୁ ବାଧା ଆସୁଥିଲା ସେ କାରଣ ବି ପରିବର୍ତ୍ତନ ହୁଏ। ଏହାର ଫଳ ସ୍ୱରୂପ ମା'ଙ୍କ ଉପରେ ଅଧିକ ବିଶ୍ୱାସ ନିର୍ଭରତା ହୁଏ। ବାଧା ଆସେ ଏହି ଉନ୍ନତି କରାଇବା ସକାଶେ। ଏପରି ନକଲେ ବାଧାଦ୍ୱାରା ବହୁତ ଦୁଃଖ ଅଶାନ୍ତି ଭୋଗିବାକୁ ପଡ଼େ ଏବଂ ବାଧା ପ୍ରବଳ ଭାବେ ଆସେ। ଆପଣ 'ମା' ଏହି ନାମ ନିରନ୍ତର ଜପ କରନ୍ତୁ। ସବୁକିଛିକୁ ଶ୍ରୀମା'ଙ୍କ ଚରଣରେ ସମର୍ପଣ କରନ୍ତୁ। ବିଶ୍ୱାସ ରଖନ୍ତୁ, ଆପଣଙ୍କ ଘର ଆଶ୍ରମ ହେବ ଏବଂ ଆଶ୍ରମ ବାତାବରଣ ହେବ। ଏହା ଖୁବ୍ ଶୀଘ୍ର ହେବ, ଉପରଲିଖିତ ମତେ ଶାନ୍ତ ରହି ମା'ଙ୍କ ନାମଜପ ପୂର୍ବକ ସମର୍ପଣ କଲେ।

**୧୨.୩.୮୩**

●

# ହଠାତ୍ ମନେପଡ଼େ

ପୂର୍ବପ୍ରକାଶିତ ଉତ୍ତାରୁ...ପ୍ରଥମ ପ୍ରଥମ ମୁଁ ମା'ଙ୍କର ଏହିସବୁ କଥା ଖୁବ୍ ସିରିୟାସ୍‌ଲି (ଆନ୍ତରିକତାର ସହିତ) ଖୁବ୍ ଗୁରୁତ୍ୱ ଦେଇ ଗ୍ରହଣ କରୁଥାଏ। ପରେ ଲକ୍ଷ୍ୟ କଲି, ଯେତେବେଳେ ମା ଟିକିଏ ବିଷଣ୍ଣ ଥା'ନ୍ତି ସେତେବେଳେହିଁ ଏହିସବୁ କଥା ଆଲୋଚନା କରନ୍ତି। ତେଣୁ ସେପରି ଅବସ୍ଥା ଦେଖିଲେ ମା'ଙ୍କ କଥାରେ ଖୁବ୍ ଗୋଟାଏ ଗୁରୁତ୍ୱ ନଦେଇ ମୁଁ ଅନ୍ୟ ପ୍ରସଙ୍ଗ ଉଠାଏ ଏବଂ ମା'ଙ୍କ ଚିନ୍ତାକୁ ଅନ୍ୟ ପଥରେ ନେଇଯିବାକୁ ଚେଷ୍ଟା କରେ। ସେଥିରେ ଦେଖେ ଫଳ ଭଲ ହୁଏ।

ବହୁ ବର୍ଷ ପରେ, ଶେଷ ଆଡ଼କୁ ଥରେ ମା'ଙ୍କର ଦେହ ଖରାପ ହୋଇଥାଏ। କେଇଦିନ ଧରି ମା' ଟିକିଏ ଅସୁସ୍ଥ ରହିଲେ। ନୀରଦଦା ମଧ୍ୟ ଉଦ୍‌ବିଗ୍ନ ହୋଇପଡ଼ିଲେ। ଘରକୁ ଗଲି। ଯାଇ ଦେଖିଲି ଘରଭର୍ତ୍ତି ଲୋକ। ସୁଜାତା, ନରେନ୍ ସିଂ, ସତ୍‌ପ୍ରେମ, ଚମ୍ପକଲାଲ, ଡା.ସାନ୍ୟାଲ, କୁମୁଦ ଏମାନେ ସମସ୍ତେ ରହିଛନ୍ତି। ଟେପ୍ ରେକର୍ଡ (କଥା ଲିପିବଦ୍ଧକାରୀ ଯନ୍ତ୍ର) ଚାଲିଥାଏ।

ମୁଁ ଯିବାମାତ୍ରେ କିଏ ଯେପରି କହିଲେ, 'ମା' ତୁମକୁ କିଛି କହିବେ।' ମା'ଙ୍କୁ ପଚାରିଲି।

ଠିକ୍ ସେତିକିବେଳେ ଆଉଜଣେ କହିଲେ, 'ସୁଜାତା ତୁମକୁ କିଛି କହିବେ।'

ସେତେବେଳେ ବୁଝିପାରିଲି, ଇଏ ସେହି ପୁରୁଣା ବ୍ୟାପାର ପୁଣି ଆରମ୍ଭ ହୋଇଛି। ମୁଁ ଖୁବ୍ ରାଗିଗଲି ଏଇଆ ଭାବି ଯେ, ଏମାନେ କେମିତି ମା'ଙ୍କୁ ଟିକିଏ ଉତ୍‌ଫୁଲ୍ଲ ରଖିବାକୁ ଚେଷ୍ଟା କରିବେ, ତାହା ନକରି ଏପରି ଗୋଟାଏ ପରିବେଶ ସୃଷ୍ଟି କରୁଛନ୍ତି ଯେଉଁଥିରେ କି ମା'ଙ୍କର ଅବସ୍ଥା ଆହୁରି ଖରାପ ହୋଇଯାଏ। ମୁଁ ସେଇଠୁ ପାଟିତୁଣ୍ଡ କରି ଗାଳିଗୁଲା ଦେଇ ସମସ୍ତଙ୍କୁ ଘରୁ ବାହାର କରିଦେଲି। ମୁହଁରେ ଯାହା ଆସିଲା କହିଦେଲି।

ତା'ପରେ ମା'ଙ୍କୁ ଶାନ୍ତ କରି ଦିପହର ଖାଇବା ଖୁଆଇଲି। ମା'ଙ୍କୁ ବିଶ୍ରାମ କରିବାକୁ ଦେଲି। ମା'ଙ୍କ ସଙ୍ଗେ ଅନ୍ୟ ପ୍ରସଙ୍ଗରେ କଥାବାର୍ତ୍ତା କରି ମା'ଙ୍କର ବିମର୍ଷ ଭାବଟାକୁ ଉଡାଇ ଦେଲି। ଉପରଓଳି ଆଡ଼କୁ ମା' ପୁରା ଭଲ ହୋଇଗଲେ। ଆଉ ନୀରଦଦା'ଙ୍କୁ ଆସି ସେହି ଖବର ଦେଲି।

୧୯୫୦ ମସିହାର ଆରମ୍ଭରେ ମା' ଦିନେ ମୋତେ କହିଲେ, "ମୁଁ ଗୋଟାଏ ଖାତା କରିଛି। ସେଥିରେ ଅନେକ କିଛି ତୁମ ପାଇଁ ଲେଖି ରଖିଛି। ଅବଶ୍ୟ ଏପରି ନୁହେଁ ଯେ ମୁଁ ଶରୀର ଛାଡ଼ି ଚାଲିଯିବି। କିନ୍ତୁ ଧର, ଯଦି କୌଣସି ଦିନ ଶରୀର ଛାଡ଼ି ଯାଏ, ତେବେ ସେହି ଖାତାରେ ତୁମେ ମୋର ସବୁ ଡିରେକ୍‌ସନ୍ (ନିର୍ଦ୍ଦେଶ) ପାଇବ।"

କିଛିଦିନ ପରେ ପୁଣି କହିଲେ, "ଯଦି ତୁମେ କେବେ ଆଶ୍ରମର ଟ୍ରଷ୍ଟି ହେବାକୁ ଚାହଁ ତା'ହେଲେ ତୁମେ କହିବା ମାତ୍ରେ ସେମାନେ ତୁମକୁ ଟ୍ରଷ୍ଟି କରିନେବେ। ମୁଁ ଏକଥା ମଧ୍ୟ ଲେଖି ଯାଇଛି।

କ୍ରମଶଃ

***ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ***

●

# ଯୁବ ସମାଜ ଓ ଆତ୍ମୋତ୍ସର୍ଗର ପ୍ରେରଣା

ଯୁବକ ଭିତରେ ଏହି ଯେଉଁ ଅସରନ୍ତି ଶକ୍ତି ରହିଛି ତାହାକୁ ଠିକ୍ ବାଟରେ ପରିଚାଳିତ କରିବାହିଁ ଆଜିର ସମସ୍ୟା । ଦେଶ ଓ ଜାତି ଆଗରେ ଏପରି କିଛି ସମସ୍ୟା ନାହିଁ ଜାଗ୍ରତ ଯୁବଶକ୍ତି ଯାହାର ସମାଧାନ କରିପାରିବ ନାହିଁ । ତେଣୁ ଦେଶର ଦାୟିତ୍ୱସମ୍ପନ୍ନ ଅଗ୍ରଣୀ ନେତାମାନେ, ଚିନ୍ତାଶୀଳ ବ୍ୟକ୍ତିମାନେ ଗଭୀର ଧ୍ୟାନ ଦେଇ ବିଚାର କରିବା କଥା- ଦେଶର ଯୁବଶକ୍ତିକୁ କିପରି ଜାଗ୍ରତ କରିବାକୁ ହେବ, ତା' ଆଗରେ ଦେଶଗଠନ ଓ ଜାତି ଗଠନର କେଉଁ ନିର୍ଦ୍ଦିଷ୍ଟ ଦାୟିତ୍ୱ ରଖିବାକୁ ହେବ, କେଉଁ ନୂତନ ଆଦର୍ଶ ଓ ଭାବଧାରାରେ ତା'ର ଚେତନାକୁ ଉଦ୍‌ବୁଦ୍ଧ କରିବାକୁ ହେବ । ଏ ସବୁ ସମ୍ପର୍କରେ ନିଷ୍ଠା ଓ ଆନ୍ତରିକତା ସହ ଗଭୀର ଅନୁଶୀଳନ ଦରକାର । ତା' ନକରି କେବଳ ଗତାନୁଗତିକ ରୀତିରେ ବିଶ୍ୱବିଦ୍ୟାଳୟ ଓ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ହେଉଥିବା ତଥାକଥିତ ଯୁବମେଳା, ଯୁବଉତ୍ସବ ଓ ଯୁବଶିବିର ଆଦି କରିବାର ବିଶେଷ କିଛି ମୂଲ୍ୟ ନାହିଁ । ଏସବୁ କାର୍ଯ୍ୟକ୍ରମରେ ନା କର୍ତ୍ତୃପକ୍ଷ, ନା ଉଦ୍ୟୋକ୍ତା ନା ଭାଗନେଉଥିବା ପ୍ରତିନିଧି, କାହାରି ଭିତରେ ଏଥିପାଇଁ କୌଣସି ସ୍ୱତଃସ୍ଫୁର୍ତ୍ତ ପ୍ରେରଣା, ଅକୃତ୍ରିମ ଉତ୍ସାହ ବା ଆନ୍ତରିକତା ଦେଖିବାକୁ ମିଳେ ନାହିଁ । ଏହାର ପ୍ରଧାନ କାରଣ ହେଉଛି- ଦେଶର ଉତ୍‌ଥାନ ପାଇଁ ହେଉ ବା ଆତ୍ମାର ବିକାଶ ପାଇଁ ହେଉ, ସାଂସ୍କୃତିକ କ୍ଷେତ୍ରରେ ହେଉ ବା ସାମାଜିକ -ରାଜନୈତିକ କ୍ଷେତ୍ରରେ ହେଉ କାହା ଭିତରେ କୌଣସି ମହାନ୍ ଲକ୍ଷ୍ୟ, କୌଣସି ମହାନ ସତ୍ୟ ଦିଗରେ କୌଣସି ଦୃଷ୍ଟି, କୌଣସି ପ୍ରେରଣା ନାହିଁ ।

ନିଜ ହାତରେ ନିଜର ଦେଶ ଭବିଷ୍ୟତକୁ ଗଢ଼ିବାର ସୃଜନଶୀଳ ଆତ୍ମପ୍ରତ୍ୟୟ ଓ ଉତ୍ସାହ ବଦଳରେ ଯୁବସମାଜ ଭିତରେ କିଂକର୍ତ୍ତବ୍ୟ ବିମୁଢ଼ତା, ନୈରାଶ୍ୟ, ଓ ଉଦାସୀନତାର ଭାବ ଦେଖାଯାଉଛି । ସବୁକ୍ଷେତ୍ରରେ ସେ ଦେଖୁଛି ନିଜର ତଥା ଦେଶର ବର୍ତ୍ତମାନ ଏବଂ ଭବିଷ୍ୟତ ସମ୍ପର୍କରେ ଏକ ଅନିଶ୍ଚିତତା, ନୈରାଶ୍ୟ ଓ ଅନ୍ଧକାରର ଚିତ୍ର । ସେ ଦେଖୁଛି ଅର୍ଥନୈତିକ କ୍ଷେତ୍ରରେ ଦାରିଦ୍ର୍ୟ, ଅଭାବ, ଅନାଟନ ଓ ଉତ୍କଟ ବେକାରୀ ସମସ୍ୟା ସାଙ୍ଗକୁ, ରାଜନୈତିକ କ୍ଷେତ୍ରରେ ଭୟଙ୍କର ଗୋଷ୍ଠିଗତ ବିବାଦ, ସଙ୍ଘର୍ଷ ଓ ବ୍ୟକ୍ତିଗତ ତଥା ଦଳୀୟ ସ୍ୱାର୍ଥନେଇ ନାନା ମିଥ୍ୟା, ପ୍ରବଞ୍ଚନା, କୁତ୍ସା ଓ ଦୋଷାରୋପର ବିଷାକ୍ତ ବାତାବରଣ । କେଉଁ ଯୁବକର ହୃଦୟରେ ଜାତି ନିର୍ମାଣର ଉତ୍ସାହ କେତେଦିନ ଜୀବନ୍ତ ରହିବ ଯଦି ତା ମନରେ ସନ୍ଦେହ ଆସେ ଯେ ତା ଦେଶର ରାଜନୀତିକୁ ରୂପ ଦେଉଥିବା ବିଧାନସଭା ଓ ଲୋକସଭାର ସଦସ୍ୟମାନେ ଆସନ ଓ କ୍ଷମତାର ଲୋଭରେ, ଅର୍ଥର ପ୍ରଲୋଭନରେ ବାରମ୍ବାର ଦଳ ପରିବର୍ତ୍ତନ କରୁଛନ୍ତି ବା ଯଦି ସେ ଦେଖେ ତା ଦେଶର ଅର୍ଥନୀତିକୁ ରୂପ ଦେଉଥିବା ବ୍ୟବସାୟ ଓ ଶିଳ୍ପ ପ୍ରତିଷ୍ଠାନର କର୍ଣ୍ଣଧାରମାନଙ୍କର ଏକମାତ୍ର ଲକ୍ଷ୍ୟ ହେଲା ମୁନାଫା ଓ ଶୋଷଣ ଏବଂ ସେଥିପାଇଁ ସେମାନେ ଯେ କୌଣସି ମିଥ୍ୟା, ପ୍ରବଞ୍ଚନା, ଓ କଳାବଜାରର ଆଶ୍ରୟ ନେଇପାରନ୍ତି । ଏହିସବୁ ଦୁଃସ୍ଥିତି ଓ ଦୂରାବସ୍ଥାର ପ୍ରତିକାରର କୌଣସି ଆଶା ଓ ଉପାୟ ନଦେଖି ଏହାର ପ୍ରତିକ୍ରିୟା ସ୍ୱରୂପ ଆଜିର ଯୁବକ ଯଦି ନିଜର ସାମାଜିକ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ବିତସ୍ପୃହ ହୋଇପଡ଼ିଲା, ବ୍ୟର୍ଥତା ଓ ହତାଶାର ଦର୍ଶନ ଗ୍ରହଣ କଲା ବା ଅରାଜକତା ଓ ଉଶୃଙ୍ଖଳତାର ଜୟଗାନ କଲା ବା ନାନା ଉଗ୍ରତା ଓ ଚରମପନ୍ଥାର ଆଶ୍ରୟ ନେଲା, ତେବେ ସେଥିପାଇଁ କିଏ ଦାୟୀ ?

***ବିଶ୍ୱମ୍ଭର ସାମନ୍ତ***

# ପିଲାଙ୍କ ସାଧନା

*(ପୂର୍ବ ପ୍ରକାଶିତ ଉତ୍ତାରୁ.)...* ହେବ ଧୈର୍ଯ୍ୟଶୀଳ। ସେ କେବେହେଁ ହତାଶ ହୁଏ ନାହିଁ, ଚେଷ୍ଟାର ଫଳ ନିମିତ୍ତ ଯଦିଓ ତା'ଙ୍କୁ ଦୀର୍ଘକାଳ ଅପେକ୍ଷା କରିବାକୁ ହୁଏ।

ଧୈର୍ଯ୍ୟ ହେଉଛି ଏକ ମହନୀୟ ଶକ୍ତି। ଭଗବତ ଜୀବନରେ ଧୈର୍ଯ୍ୟଶୀଳ ହେବା ସମସ୍ତଙ୍କର ଦରକାର। ଅନେକ ସମୟରେ ମନୁଷ୍ୟ ବିପଦ ଆପଦ ପଡ଼ିଲେ ଅଧୈର୍ଯ୍ୟ ହୋଇପଡ଼େ। ଅଧୈର୍ଯ୍ୟ ହେଲେ ସ୍ୱାୟବିକ ଅବସାଦ ଦେଖାଯାଏ। ସ୍ଥିରତା ହେଉଛି ଧୈର୍ଯ୍ୟ ଧାରଣ ପାଇଁ ଏକ ପ୍ରଧାନ ଅସ୍ତ୍ର। ମା' କହିଛନ୍ତି ଆମେ କେବେହେଲେ ଅଧୈର୍ଯ୍ୟ ହେବାନାହିଁ। ଲୋକର ମନ ଅନୁରୂପ ଫଳ ନ ଫଳିଲେ ସେ ହତାଶ ହୋଇପଡ଼େ। ଅନ୍ୟର ଶିରୀ ଦେଖିଲେ ତା'ର ଅନ୍ତର ଘାଣ୍ଟିଚକଟି ହୋଇପଡ଼େ। ମାତ୍ର ଧୈର୍ଯ୍ୟବାନ୍ ଲୋକର ଅନ୍ତରରେ ସେପରି କିଛି କ୍ରିୟା ପ୍ରତିକ୍ରିୟା ଦେଖାଯାଏ ନାହିଁ। ସେ ସର୍ବଦା ଦୃଢ଼, ସ୍ଥିର ଏବଂ ଅବିଚଳ ଥାଏ। ପୂର୍ବକାଳରେ ମୁନିଋଷିମାନେ ଜନ୍ମ ଜନ୍ମ ଧରି ଭଗବାନଙ୍କୁ ଲାଭ କରିବାପାଇଁ ତପସ୍ୟା କରୁଥିଲେ। ଫଳ ଆଶା ସେମାନେ କେବେ ବି କରୁ ନଥିଲେ। ଫଳତ ନିଶ୍ଚିତ ଭାବରେ ଆସିବ। ମାତ୍ର ସେଥିପାଇଁ ଆମକୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ। ଜଡ଼ବାଦୀମାନେ ନିଜର ସ୍ୱାର୍ଥପର ମନୋବୃତ୍ତି ନେଇ ଚାଲିଥିବାରୁ ସେମାନେ ଚାହାଁନ୍ତି ଖାଲି ତୁରନ୍ତ ଫଳ। ଚାହିଁଲା ମାତ୍ରେ ଭଗବତ୍ କରୁଣା ଟଙ୍କା ସୁନା ଭଳି ଗଳି ପଡନ୍ତା ! ଭଗବାନଙ୍କ କରୁଣାରେ ତ ସବୁକିଛି ସମ୍ଭବ। କିନ୍ତୁ ଭଗବାନ ତ ମଣିଷର ନୌକର ନୁହଁନ୍ତି। ଆମର ନିଷ୍ଠା, ଭକ୍ତି, ଉନ୍ମୁକ୍ତତା, ଭାବ, କର୍ମ ସବୁ ଉପରେ କରୁଣାପ୍ରାପ୍ତି ନିର୍ଭର କରୁଛି। ଆମକୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ପଡ଼ିବ। ଅନନ୍ତ ଯୁଗ ବିତିଗଲେ ବି ଆମେ ଅଧୈର୍ଯ୍ୟ ହେବା ନାହିଁ। ଯେତେ ଝଡ଼ଝଞ୍ଜା ବହିଗଲେ ବି ବିଚଳିତ ହେବାନାହିଁ। ଯେତେ ଯାହା ହେଲେ ବି ହତାଶ ହେବା ନାହିଁ।

ଅଧୈର୍ଯ୍ୟର ପରିଣତି ସମୟେ ସମୟେ ବଡ଼ ଭୟାବହ ହୋଇଥାଏ। ଗୋଟିଏ ଗାଁରେ ଗୋଟିଏ ଘରେ ଖୁଡ଼ୀ ଏବଂ ତା'ର ପୁତୁରା ରହୁଥିଲେ। ପୁତୁରାରଟିର ନାମ ରଘୁ। ରଘୁର କକା (ରଘୁ ଖୁଡ଼ୀର ସ୍ୱାମୀ) କଲିକତା ଚଟକଳରେ ଚାକିରି କରେ। ରଘୁ ପିଲାଦିନେ ଚାହାଳୀପାଠ ଦି'ଅକ୍ଷର କ'ଣ ପଢ଼ିଥିଲା। ସେ କେବଳ କ-କା ଘୋଷୁଥିଲା। ପାଠ ସେତିକିରେ ଡୋରି ବାନ୍ଧି ବିଲବାଡ଼ି କାମ ଦେଖିଲା। ଖୁଡୀ ମନେ ମନେ ତା' ପୁତୁରା ଗୋଟିଏ ମହାପଣ୍ଡିତ। କିଛିଦିନ ପରେ କଲିକତାରୁ କକା ଚିଠି ଖଣ୍ଡେ ପଠାଇଲା। ଖୁଡୀ ଚିଠି ପାଇ କାହାକୁ ପଢ଼ାଇବ ? ଘର ମଣିଷ ଚିଠି ଦେଇଛନ୍ତି। କେତେ ସୁଖଦୁଃଖ କଥା ଲେଖିଥିବେ। ପୁତୁରା ତ ପଣ୍ଡିତ। ତା'କୁ ଚିଠି ପଢ଼ାଇବ ବୋଲି ଡକାଇ ପଠାଇଲା। ପୁତୁରା ଆସି ଚିଠିକି ବୁହେ ଏମୁଣ୍ଡ ସେମୁଣ୍ଡ ଚାହିଁଲା। ସେତ ଖାଲି 'କ-କ' ଏଇ ଦୁଇଟି ଅକ୍ଷର ମନେରଖିଛି। ଚିଠିରେ ସେପରି 'କ-କା'

ଲେଖା ନଥିବାରୁ ପୁତୁରା ଚିଠିଟିକି ଥୋଇଦେଇ କହିଲା, "କ'ଣ ପଢ଼ିବି କିଲୋ ଖୁଡୀ ? 'କ-କା' ତ ନାହିଁ।" ଏହା କହି ପୁତୁରା ବିଲକୁ ପଳାଇଲା। ଏଣେ ଖୁଡ଼ୀ କାନ୍ଦି ଉଠିଲା। କକା ନାହିଁ। ରଘୁର କକା ମରିଯାଇଛନ୍ତି। ମୁଣ୍ଡ ବାଡ଼େଇ କାନ୍ଦିଲା। କାଚ ବାଡ଼େଇ, ତାଲୁ ଫଟେଇ ବାହୁନା ରଡ଼ି ଛାଡ଼ିଲା। ସେତେବେଳକୁ ଚିଠି ଦେହରେ ମଥାର ରକ୍ତ ଲାଗି ଚିଠି ଆଉ ପଢ଼ି ହେଉ ନଥାଏ। ଆଉ ଏ ଜୀବନ ରଖି ଲାଭ କ'ଣ ବୋଲି କନିଆରୀ ମଞ୍ଜି ବାଟି ପିଇଦେଲା। ସାଇପଡ଼ିଶା ଲୋକ ଜାଣିଲେ। ବିରାଡ଼ିମଳ ଖୁଆଇ ବାନ୍ତି କରେଇଲେ। ଖୁଡ଼ୀ ବୁଢ଼ାଟିଏ ସ୍ୱାମୀ ରୂପରେ ପାଇ କାନ୍ଦି କାନ୍ଦି ଦିନ କାଟିଲା। କିଛି ଦିନ ପରେ ରଘୁର କକା ଗାଁକୁ ଆସି ଦେଖେ ତ ତା' ସୁନାର ସଂସାର ଓଲଟ ପାଲଟ ହୋଇଯାଇଛି। ସେ ମଧ ହୋଇଗଲା ପାଗଳ। ସାମାନ୍ୟ ଟିକିଏ ଧୈର୍ଯ୍ୟ ସେହି ଖୁଡୀ ଧରି ପାରିଥିଲେ ଏତେ ବଡ଼ ବିଭ୍ରାଟ ଦେଖାଦେଇ ନଥା'ନ୍ତା। ସାମାନ୍ୟ ସାମାନ୍ୟ କଥାରେ ଅନେକ ଲୋକଙ୍କର ଏପରି ଧୈର୍ଯ୍ୟଚ୍ୟୁତି ଘଟେ ଯେ ସେମାନେ କ'ଣ ବୋଇଲେ କ'ଣ କରିପକାନ୍ତି। ଧୈର୍ଯ୍ୟଶୀଳ ହେବା ହେଉଛି ଏକ ମହାନ୍ ଭାଗବତ ସାଧନା।

*କ୍ରମଶଃ*

***ମଧୁସୂଦନ ମିଶ୍ର***

●

---

*Question - I am about to complete one year of my stay here. The past year has been one of hard and painful struggle for me. I have not done much during the year but hope to do better in the next. And although my heart seems to have become a stranger to all higher and finer emotions I promise you this: that I shall endeavour with all the strength I can command to obey you.*

**Sri Aurobindo-Blessings for the new year. May all struggle cease and a quiet ascent begin.**
**11 February 1936**

---

## ଏବେବି ମନେପଡ଼େ......

# ଆମ ସ୍କୁଲ ଗୋଟିଏ ଭଲ ସ୍କୁଲ କି ?

ଭାଇ, ଗୋଟିଏ ବଡ଼ ସମସ୍ୟା। ଆମ ସ୍କୁଲ NOC ପାଇ ନଥିବାଯୋଗୁଁ ଆମ ପିଲାମାନେ ନବୋଦୟରେ ନାଁ ଲେଖାଇ ପାରୁନାହାନ୍ତି। ତାଙ୍କ ଦରଖାସ୍ତ ଫେରସ୍ତ ଆସୁଚି। DEOଙ୍କୁ କହିବାରୁ ସେ କହୁଛନ୍ତି ଆପଣଙ୍କର NOC ପାଇବାପାଇଁ DPI (Elementary) ଙ୍କୁ ପଠାଯାଇଛି। ତେଣୁ ଆମେ କିଛି କରିପାରିବୁ ନାହିଁ। କ'ଣ କରିବା ଭାଇ ? ବଡ଼ ଅସୁବିଧା ହୋଇଯିବ।

ମୁଁ ପଚାରିଲି ଆପଣ ପ୍ରକୃତରେ କ'ଣ ପାଇଁ ବ୍ୟସ୍ତ ? NOC ପାଇଁ ନା NOC ପାଇନଥିବା ଯୋଗୁଁ ନବୋଦୟକୁ ଯାଇ ପାରିନଥିବା ଯୋଗୁଁ ? ଧରାଯାଉ ବିନା NOCରେ ସେମାନେ ନବୋଦୟକୁ ବାଛିନେବେ ଆପଣ ସନ୍ତୁଷ୍ଟ କି ? NOC ପରେ ମିଳିବ। ମାତ୍ର ନବୋଦୟରେ Select ହୋଇପାରିବ। ହଁ, ହଁ, ଭାଇ ତାହେଲେ ଚଳିବ। ପିଲାଟା ନବୋଦୟରେ ସିଟ୍ ପାଇଗଲେ କେଡ଼େ ବଡ଼ କଥା ହେବ। ମୁଁ ବୁଝି ପାରିଲି ନାହିଁ, କ'ଣ ବଡ଼ କଥାହେବ ?

ପଚାରିଲି, ଭାଇ, ଆମ ପିଲାଟା ନବୋଦୟ ବିଦ୍ୟାଳୟରେ ସ୍ଥାନ ପାଇଲେ ତାହା ଆମ ପାଇଁ ଗୌରବର କଥା କିପରି ହେବ ? ମୋ ପାଟିରୁ କଥା ଛଡ଼ାଇ ନେଇ କହିଲେ, ହେବନି ? ଆମର ଏକ ଅତ୍ୟନ୍ତ ଉଚ୍ଚକୋଟିର, ଉଚ୍ଚମାନର ଭଲ ସ୍କୁଲ ବୋଲି ପ୍ରମାଣିତ ହେବ। ଭିନ୍ନ ଭିନ୍ନ ସ୍କୁଲରୁ ଭଲ ଭଲ ପିଲାମାନେ ସେଠାରେ ନାମ ଲେଖାନ୍ତି। ସେ ସ୍କୁଲର ମାନ ସେତିକି ଉଚ୍ଚ ବୋଲି ତା'ର ପିଲାମାନେ ସେଠାରେ ପଢ଼ିବାକୁ ସିଟ୍ ପାଆନ୍ତି। ସେଇଟା ଆମ ସ୍କୁଲର ମାନ ନିର୍ଦ୍ଧାରଣ କରିବ। ଅନ୍ତତଃ ଆମର ଯେ ଗୋଟିଏ ଭଲ ସ୍କୁଲ ତାହା ପ୍ରମାଣିତ ହେବ।

ମୁଁ କହିଲି ଭାଇ, ପ୍ରଥମ କଥାହେଲା ଆପଣଙ୍କ ସ୍କୁଲ ଭଲ ହୋଇଥିଲେ ଆପଣଙ୍କ ସ୍କୁଲ ଛାଡ଼ି ସେ ନବୋଦୟ କାହିଁକି ଯାଇଥାନ୍ତା। ବରଂ ନବୋଦୟରୁ ପିଲା ଆସି ଆପଣଙ୍କ ସ୍କୁଲରେ ନାମ ଲେଖାନ୍ତେ। ଦ୍ୱିତୀୟରେ, ପିଲା ଏକ ଉନ୍ନତ ମାନର ସ୍କୁଲକୁ ଯିବାରେ ଆପଣଙ୍କ ସ୍କୁଲ ଭଲ ପ୍ରମାଣିତ ହେଲା ନା, କୌଣସି କାରଣରୁ ସେ ସ୍କୁଲ ପ୍ରତି ଅସନ୍ତୁଷ୍ଟ ହୋଇ ଅନ୍ୟ କୌଣସି ସ୍କୁଲକୁ ଯିବାପାଇଁ ଆଗ୍ରହ ପ୍ରକାଶ କଲା।

ତା'ବ୍ୟତୀତ ଅନ୍ୟ ପ୍ରତିଷ୍ଠିତ ସ୍କୁଲମାନଙ୍କ ପାଇଁ ପିଲା ସୃଷ୍ଟି କରିବା କ'ଣ ଆମ ସ୍କୁଲର ଲକ୍ଷ୍ୟ କି ? ଆମେ କୋଉ ଲକ୍ଷ୍ୟ, କେଉଁ ଉଦ୍ଦେଶ୍ୟରେ ସ୍କୁଲ କରିଚୁ ତା' କ'ଣ ଭୁଲି ଗଲୁଣି। ମା' କହିଲେ-... we are here to do that which others cannot do because they do not have the idea that this can be done. ...ଅର୍ଥାତ୍ ଆମେ ଏଠାରେ ଯାହା କରିବାକୁ ଅଛୁ ତାହା ଅନ୍ୟମାନେ କରିପାରିବେ ନାହିଁ କାରଣ ଏପରି କାର୍ଯ୍ୟ ହୋଇପାରେ ବୋଲି ତାଙ୍କର ଧାରଣା ନାହିଁ।...

ମାତ୍ର ଆମେ ଆମର ସେଇ ଗୌରବ ଛାଡ଼ିଦେଇ ଅନ୍ୟସ୍କୁଲମାନଙ୍କର ଆଦର୍ଶ ଏବଂ ଲକ୍ଷ୍ୟ ସାଙ୍ଗରେ ତାଳ ଦେଇ ଚାଲିଛୁ। ଆମେ ମନେ ରଖିବା ଆମ ସ୍କୁଲରେ ଆମେ ଏପରି କିଛି ଦେବାପାଇଁ ଉଦ୍ୟମ କରୁଚୁ ଯାହା ଅନ୍ୟଠାରେ ମିଳିବ ନାହିଁ। ଆମେ ସତ୍ୟ ସହିତ ଯୁକ୍ତ ହୋଇ ପିଲାଙ୍କୁ ପ୍ରସ୍ତୁତ କରିବା। ଅନ୍ୟମାନେ, ମା'ଙ୍କ ଭାଷାରେ, Carrer, Success, Money ପାଇଁ ପାଠପଢ଼ୁଛନ୍ତି। ମାତ୍ର ଆମେ ସେ ସବୁଠାରୁ ପିଲାକୁ ସମ୍ପୂର୍ଣ୍ଣ ଦୂରରେ ରଖିବା। ଆମର ମସ୍ତିଷ୍କ ଅପେକ୍ଷା ହୃଦୟ ଅଧିକ ଶିକ୍ଷାର ଦାୟିତ୍ୱରେ ରହିବ। ଅନ୍ୟମାନେ ମସ୍ତିଷ୍କକୁ ଶିକ୍ଷାର ଆଧାର କରି ଉପରୋକ୍ତ ତିନୋଟି କଥାରେ ମାତିଛନ୍ତି ମାତ୍ର ଆମ ପିଲାମାନେ ତା'ସହିତ ହୃଦୟକୁ

ମିଶାଇବେ। ହୃଦୟରେ ମା' ଅଛନ୍ତି। ତା' ବିଶ୍ୱାସ କରିବେ। ତାଙ୍କୁ ନିଜ ହୃଦୟରେ ଭଲପାଇବା ମାଧ୍ୟମରେ ଅନୁଭବ କରିବେ। ତାହାହିଁ ଆମର ସ୍ୱାତନ୍ତ୍ର୍ୟ। ଯେଉଁ କାର୍ଯ୍ୟ ମା'ଶ୍ରୀଅରବିନ୍ଦ ପୃଥିବୀକୁ କରିବାକୁ ଆସିଛନ୍ତି ଆମର ଶିକ୍ଷାକେନ୍ଦ୍ରର ଲକ୍ଷ୍ୟ ସେଥିରୁ ତିଳେ ମାତ୍ର ଊଣା ନୁହେଁ। ଆପଣ ଏତେ ବଡ଼ ଏକ ଲକ୍ଷ୍ୟରେ ଅନୁଷ୍ଠାନ କରି ଏଇ ସାଧାରଣ କାରଣ ପାଇଁ ବ୍ୟସ୍ତ କାହିଁକି ହେଉଛନ୍ତି ?

ସ୍ୱାଭାବିକ ଭାବରେ ସମସ୍ତେ ଯେପରି କହିଥାନ୍ତି ସେ କହିଉଠିଲେ, ତା'ନହେଲେ ଭଲ ପିଲାସବୁ ସ୍କୁଲରୁ ଚାଲିଯିବେ। ଅଭିଭାବକମାନେ ଅସନ୍ତୁଷ୍ଟ ହେବେ ଏବଂ ଆମର ସ୍କୁଲରେ କେହିବି ଭଲ ପିଲା ରହିବେ ନାହିଁ।

ମୁଁ ପୁଣି ପଚାରିଲି, ଆପଣ କାହାକୁ ଭଲ ପିଲା କହୁଛନ୍ତି ? ଶ୍ରେଣୀରେ ଖୁବ୍ ଭଲ ପାଠ ପଢୁଥିବା କିମ୍ବା ଗୋଟିଏ ଖୁବ୍ ସାହସୀ ପିଲା। ସବୁଥିରେ ଭଲ ନମ୍ବର ରଖୁଥିବା ନା ସତ୍ୟବାଦୀ। ଅନ୍ୟକୁ ଭଲ ପାଉଥିବା, ସାହାଯ୍ୟ କରୁଥିବା, ନିଃସ୍ୱାର୍ଥପର ପ୍ରଭୃତି ଗୁଣ ଥିବା ଗୋଟିଏ ପିଲା ନା ଶ୍ରେଣୀରେ କେବଳ ଭଲ ପାଠ ପଢୁଥିବା ପିଲାମଧ୍ୟରୁ କାହାକୁ ଆପଣ ଭଲ ପିଲା କହିବେ।

ଭାଇ ନିରୁତ୍ତର ରହିଲେ। ମୁଁ କହିଲି NOC ପାଇବାପାଇଁ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ। ସରକାର ଯାହା ଯାହା ଦରକାର କହିଛନ୍ତି। ସେ ସବୁ ପୂରଣ କରି ଦରଖାସ୍ତ ଯଦି କରିଛନ୍ତି, ତେବେ ଅପେକ୍ଷା ରଖନ୍ତୁ NOC ମିଳିଯିବ। ମାତ୍ର ନବୋଦୟରେ ପିଲା ସିଟ୍ ପାଇବାପାଇଁ ଯଦି ବ୍ୟସ୍ତ ହେଉଥାନ୍ତି, ତେବେ ଏହା ପୂର୍ଣ୍ଣାଙ୍ଗ ଶିକ୍ଷାର ପରିଚୟ ବୋଲି ମୁଁ ଅନୁଭବ କରୁନାହିଁ।

ଭାଇ ବୁଝିଲେ କି ନାହିଁ ମୁଁ ଜାଣି ପାରିଲି ନାହିଁ ମାତ୍ର ସନ୍ତୁଷ୍ଟ ହୋଇଗଲା ଭଳି ମନେ ହେଲା।

ମାତ୍ର ତା'ର କିଛି ଦିନ ପରେ ଗୋଟିଏ ସ୍କୁଲରେ ଦେଖିଲି ସ୍କୁଲ ଆଗରେ ଫ୍ଲେକ୍ସ ବ୍ୟାନରରେ ସ୍କୁଲରୁ ଭଲ ନମ୍ବରରଖି ନବୋଦୟ, ସୈନିକ ସ୍କୁଲ, ଅନ୍ୟାନ୍ୟ ପ୍ରତିଷ୍ଠିତ ସ୍କୁଲମାନଙ୍କୁ ଚାଲିଯାଉଥିବା ପିଲାମାନଙ୍କର ଫଟୋ ସହିତ ପାଉଥିବା ସ୍କୁଲର ନାମ ଲେଖାଯାଇଛି।

ପଚାରିବାରୁ ଜାଣିହେଲା-ତାହା ମଧ୍ୟ ଏକ ଭଲ ଶିକ୍ଷାକେନ୍ଦ୍ରର ପ୍ରମାଣ ବୋଲି ସେପରି କରାଯାଇଛି। ଯଦି ସେମାନେ ଭଲପିଲା, ତେବେ ଭଲପିଲାମାନେ ଆମ ଶିକ୍ଷାକେନ୍ଦ୍ର ଛାଡ଼ି ଚାଲିଯାଉଥିବା କିପରି ଆମର ଶିକ୍ଷାକେନ୍ଦ୍ରକୁ ଏକ ଭଲ ଶିକ୍ଷାକେନ୍ଦ୍ର ବୋଲି ପ୍ରମାଣ କରୁଛି ମୁଁ ଆଦୌ ବୁଝିପାରିଲି ନାହିଁ।

ଭାଇଭଉଣୀମାନେ, ପୂର୍ଣ୍ଣାଙ୍ଗ ଶିକ୍ଷା ଓଡ଼ିଶାରେ ଆରମ୍ଭ ହେବାର ୫୦ବର୍ଷ ପୂର୍ତ୍ତି ହେବାକୁ ଯାଉଛି। ଆସନ୍ତା ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛୁ। ୫୦ ବର୍ଷ ଭିତରେ ଆମେ ଅଧିକ ଶକ୍ତ ହୋଇଥିବା ନା ପୁରାତନ ଧାରାକୁ ଅଧିକରୁ ଅଧିକ ଜାବୁଡ଼ି ଧରିବା ?

ଦୟାକରି ବୁଝିବାକୁ ଚେଷ୍ଟା କରନ୍ତୁ। ସାଧାରଣ ଶିକ୍ଷାକେନ୍ଦ୍ର +ମା = ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର। ଆଉ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର -ମା= ସାଧାରଣ ଶିକ୍ଷାକେନ୍ଦ୍ର। ଏଠାରେ ମା' କେବଳ ଫଟୋରେ ନୁହେଁ, ଜାଗ୍ରତ ଭାବରେ ଆମର କାମରେ, ଅଧ୍ୟୟନରେ, ଅଧ୍ୟାପନାରେ, ଆଚରଣରେ, ବ୍ୟବହାରରେ, ଚିନ୍ତାରେ, ବ୍ୟବସ୍ଥାପନାରେ ସର୍ବୋପରି ପରିଚାଳନାରେ। ସବୁଠାରେ ମା' ଜାଗ୍ରତ ଭାବରେ ରହିଥିବେ।

ଏଥର ନିଜକୁ ପରୀକ୍ଷା କରିନିଅନ୍ତୁ। ଆମେ କେଉଁ ଶିକ୍ଷାକେନ୍ଦ୍ର କରିଚୁ- ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନାଁ ଅନ୍ୟାନ୍ୟ ଶିକ୍ଷାକେନ୍ଦ୍ର।

ତଥାପି ସମୟ ଅଛି। ସଙ୍କଳ୍ପ କରି ଯେତେ କଷ୍ଟ ହେଉ ପଛେ ମା'ଙ୍କୁ ସମ୍ପୂର୍ଣ୍ଣ ଭାବରେ ଜାଗ୍ରତ ଭାବରେ କାର୍ଯ୍ୟରେ ସାମିଲ କରିବା। ମା'ଙ୍କୁ ଯୁକ୍ତକଲେ ଆମ ଶିକ୍ଷାକେନ୍ଦ୍ରର ମହକ ବଦଳିଯିବ-ପରିଚୟ ବଦଳିଯିବ।

***ପ୍ରସାଦ ତ୍ରିପାଠୀ***

●

# ଦୁଷ୍ଟପିଲା

ପୁଣି ସେଇ ସମସ୍ୟା-ଆମ ଶ୍ରେଣୀରେ ପିଲା ଖୁବ୍ ଦୁଷ୍ଟ। ପାଠ ପଢ଼ାଇ ଦେଉନାହାନ୍ତି। ନିଜେ ପଢୁନାହାନ୍ତି କି ଅନ୍ୟମାନଙ୍କୁ ପଢ଼ାଇ ଦେଉନାହାନ୍ତି। ତାଙ୍କ ବାପାମା'ଙ୍କୁ ଯେତେ କହିଲେ ବି କିଛି ଲାଭ ନାହିଁ କାରଣ ସେମାନେ ତାଙ୍କ ବାପା-ମାଆଙ୍କୁ ବି ମାନୁନାହାନ୍ତି। ଏମାନଙ୍କୁ ନେଇ କ'ଣ କରିହେବ। ବରଂ ସ୍କୁଲରୁ ବିଦା କରିଦେଲେ ଭଲ।

ଏଇଭଳି ପିଲା ଅବଶ୍ୟ ଅଧିକାଂଶ ସ୍କୁଲରେ ଥିବେ। ମାତ୍ର ସମାଧାନ ତ ଆଦୌ ସ୍କୁଲରୁ ବିଦାକରିଦେଲେ ହେବନାହିଁ। କାରଣ ଆଉ କିଛି ଠିକ୍ ହେଉ କି ନହେଉ, ତା'ର ଆତ୍ମା ଯେ ଏଇ ଅନୁଷ୍ଠାନରେ କିଛିଦିନ ଅନୁଭବ ନେବାପାଇଁ ଆସିଛି-ଏଥିରେ ଆଦୌ ସନ୍ଦେହ ନାହିଁ। ଯେମିତି ଆମେ ସମସ୍ତେ ମା'ଙ୍କ ଦ୍ୱାରା ସ୍ଥିର ହୋଇ ମା'ଙ୍କ କାମ କରିବାକୁ ଆସିଚୁ-ପିଲାମାନେ ମଧ୍ୟ ତାଙ୍କ ଦ୍ୱାରା ନିର୍ବାଚିତ ହୋଇ ପଢ଼ିବାକୁ ଆସିଛନ୍ତି। ତେଣୁ ତାଙ୍କୁ ବାହାର କରିବାର ସମ୍ଭାବନା ନାହିଁ।

ଜଣେ ଭାଇ କହିଲେ, ମା' ତ ଆଶ୍ରମ ସ୍କୁଲରୁ ପିଲାମାନଙ୍କୁ ବାହାର କରିଦେଉଥିଲେ। ମୁଁ କହିଲି ତାହା କେବଳ ମା' କରିପାରିବେ କାରଣ ସେ ଆଣିଥିଲେ, ସେ ପଠାଇପାରିବେ। ଆମେ ସେ କଥା କରିପାରିବା ନାହିଁ।

ତାହେଲେ ଆମେ କ'ଣ ଏମିତି ସବୁଦିନ ହଇରାଣ ହେଉଥିବା।

ମୁଁ ତାଙ୍କୁ ଯାହା ଉତ୍ତର ଦେଲି - ତଳେ ଉଲ୍ଲେଖ କରୁଛି।

୧. ଆମେ ଯେହେତୁ ନିଜେ ନିଜର ସାମର୍ଥ୍ୟରେ ତାକୁ ବଦଳାଇବାକୁ ଚେଷ୍ଟା କରୁଚୁ ତେଣୁ ସେ ବଦଳୁ ନାହିଁ। ଯଦି ଆମେ ମା'ଙ୍କ ସାମର୍ଥ୍ୟରେ ତାକୁ ବଦଳାଇବାକୁ ଚେଷ୍ଟା କରନ୍ତୁ ତେବେ ତାହାର ଫଳ ନିଶ୍ଚୟ ମିଳନ୍ତା।

୨. ଆମର ପ୍ରଥମେ ବିଶ୍ୱାସ ରହିବା ଦରକାର ଯେ ସେ ପିଲା ନିଶ୍ଚୟ ବଦଳିବ। ବର୍ତ୍ତମାନ ସେ ପିଲା ଯେ ବଦଳିପାରିବ-ଏକଥାରେ ଆମର ବିଶ୍ୱାସ ନାହିଁ, ତାଙ୍କର ବାପାମା'ଙ୍କର ବିଶ୍ୱାସ ନାହିଁ ଏବଂ ସେ ପିଲାର ନିଜର ମଧ୍ୟ ଆଉ ବିଶ୍ୱାସ ନାହିଁ। ସେ ଏକଦମ ଦୁଷ୍ଟ ହୋଇଗଲାଣି ଆଉ ଭଲ ହୋଇପାରିବ ନାହିଁ ବୋଲି ତା'ର ମଧ୍ୟ ଦୃଢ଼ ଧାରଣା ଆସିଗଲାଣି।

୩. ଗୋଟିଏ ଭଲ ପିଲାକୁ ଭଲ କହିଲେ ସେ ଯେପରି ଉଲ୍ଲସିତ ହେବ ଗୋଟିଏ ଦୁଷ୍ଟପିଲାକୁ ଦୁଷ୍ଟ କହିଲେ ମଧ୍ୟ ସେ ଅନୁରୂପ ଖୁସୀ ହେବ। କାରଣ ତା'ର ଦୁଷ୍ଟ ଗୁଣକୁ ଆମେ ଚିହ୍ନିପାରିଚୁ। ଯଦି ତା'ର ଦୁଷ୍ଟଗୁଣକୁ ଆମେ ଗୁରୁତ୍ୱ ନଦେଇ ତା'ର ଅନ୍ୟଗୁଣକୁ ଆଲୋଚନା କରନ୍ତୁ-ତେବେ ଦୁଷ୍ଟଗୁଣଟି ଧୀରେ ଧୀରେ ଦୁର୍ବଳ ହୋଇଯାଆନ୍ତା।

୪. ମା' କହନ୍ତି ପିଲାମାନଙ୍କର ଭଲ, ମନ୍ଦ ଉଭୟ ଗୁଣ ତା'ର ବାପାମା'ଙ୍କର ଜିନ୍‌ରୁ ଆସିଥାଏ। ତେଣୁ ସେଥିରେ ପିଲାର ଦୋଷ କ'ଣ ? ବରଂ ସେଥିରୁ ତାକୁ ମୁକ୍ତ କରିବାପାଇଁ ଅଧିକ ଚେଷ୍ଟା ଆବଶ୍ୟକ।

୫. ଯେଉଁମାନେ ତାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବେ, ସେମାନେ ମଧ୍ୟ ସେହିଭଳି ତ୍ରୁଟିରୁ ଦୂରରେ ଥିବା । ଉଚିତ। ନଚେତ ନିଜେ ସେଇ ଭୁଲ କରି ତାକୁ ସଂଶୋଧନ କରିବାପାଇଁ ଚେଷ୍ଟା କରିବା ମୂଲ୍ୟହୀନ।

୬. ତଥାପି ମୁଁ ନ ବଦଳି ପାରିଲେ ମଧ୍ୟ ମୋର ପିଲା ବଦଳି ପାରିବ-ଏଥିପାଇଁ ଦୃଢ଼ ବିଶ୍ୱାସର ସହିତ ମା'ଙ୍କ ଉପରେ ପୂର୍ଣ୍ଣ ନିର୍ଭରତା ରଖି ସେମାନଙ୍କୁ କହିଲେ, ସେଥିରେ ନିଶ୍ଚୟ ପ୍ରଭାବ ପଡ଼ିବ।

ଭାଇଭଉଣୀମାନେ, ଏ କଥା ମନେ ରଖିବା ଯେ ଶ୍ରୀମାଶ୍ରୀଅରବିନ୍ଦ ସମଗ୍ର ମାନବଜାତିର ପରିବର୍ତ୍ତନ ବା ରୂପାନ୍ତର ପାଇଁ ଆସିଛନ୍ତି। ସେ କେତୋଟି ପିଲାଙ୍କର ମନ୍ଦଗୁଣଗୁଡ଼ିକୁ ପରିବର୍ତ୍ତନ କରି ପାରିବେନି ? ଆମର ମା'ଙ୍କ ଉପରେ ଯେତେ ଅଧିକ ବିଶ୍ୱାସ ଭରସା ଏବଂ ନିର୍ଭରତା ବୃଦ୍ଧି ପାଇବ, ଆମେ ସେତେ ଅଧିକ ପିଲାମାନଙ୍କୁ ଉଚିତ ମାର୍ଗକୁ ପରିବର୍ତ୍ତନ କରାଇ ଆଣି ପାରିବା।

ସେଥିପାଇଁ ସେ ପିଲାମାନଙ୍କୁ ତାଙ୍କର ସାମର୍ଥ୍ୟକୁ ନେଇ ଉତ୍ସାହିତ କଲେ ସେ ପ୍ରଥମେ ବିଶ୍ୱାସ କରିବ ଯେ ସେ କିଛି ଭଲ କାମ କରିପାରିବ। ସେଇ ବିଶ୍ୱାସକୁ ଧୀରେ ଧୀରେ ବଢ଼ାଇଲେ ତା' ମଧ୍ୟରୁ ଦୁଷ୍ଟଗୁଣ ସବୁ ଧୀରେ ଧୀରେ ବଦଳିଯିବ।

*ପ୍ରସାଦ ତ୍ରିପାଠୀ*

●

## ମାତୃଭବନ ପତ୍ର ସମ୍ପର୍କରେ

**ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା ଓ ଆଜୀବନ (୨୦ବର୍ଷ) ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ଆସନ୍ତା ଫେବୃୟାରୀ ମାସ ୨୦୧୯ ସୁଦ୍ଧା ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା ମାତ୍ର ଜାନୁୟାରୀ ମାସ ୨୦୧୯ ସୁଦ୍ଧା** ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କୌଣସି ଅଭିଯୋଗ ଥିଲେ **ମୋ: ୯୩୩୮୦୯୧୬୮୬ରେ ପଦ୍ମଚରଣ ମହାନ୍ତିଙ୍କୁ** ଜଣାଇବାକୁ ଅନୁରୋଧ। **ଅଭିଯୋଗ ଜଣାଇବା ସମୟରେ ନିଜର ଟେଲିଫୋନ /ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

**ପରିଚାଳକ**

# ସଙ୍ଗଠନ ସମାଚାର

### ସମର୍ପଣ ମଣ୍ଡଳ

**ରାୟଗଡା:-** ୧୦.୧୧.୧୮ରେ ଶ୍ରୀଅରବିନ୍ଦ ସ୍ୱର୍ଣ୍ଣସେତୁ ଆଶ୍ରମ, ଗୁମରଯୋଡିର ୪ର୍ଥ ବାର୍ଷିକୋତ୍ସବ ସଞ୍ଜୁକ୍ତା ମାଦଳ ଓ ସୁସ୍ମିତା ମାଦଳଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦୁର୍ଗାପ୍ରସାଦ ତ୍ରିପାଠୀ, ମଧୁସୂଦନ ସାହୁ ଓ ଦିପ୍ତୀରାଣୀ ସାହୁ "ଶ୍ରୀଅରବିନ୍ଦ ଓ ଭବିଷ୍ୟତର ମାନବ" ସମ୍ପର୍କରେ ଆଲୋଚନା କରିଥିଲେ ।... ନଭେମ୍ବର ୧୯ ରୁ ୨୧ ପର୍ଯ୍ୟନ୍ତ ଗୁମୁଡାସ୍ଥିତ ବୃନ୍ଦାବନ ସେନାପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଭାତ କୁମାର ନାୟକ ଅଂଶଗ୍ରହଣ କରିଥିଲେ ।... ୨୦.୧୧.୧୮ରେ ଅରୋବିହାର, ଗୁମୁଡାସ୍ଥିତ ଦି ମଦର୍ଶ ସ୍କୁଲର ୧ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଭାତ କୁମାର ନାୟକ, ମଦନ ମୋହନ ଦାନୀ, ବିଜୟ କୁମାର ମୁନି, ଅରବିନ୍ଦ ଦାସ ଓ ସୁଦର୍ଶନ ପୃଷ୍ଟି ଅଂଶଗ୍ରହଣ କରିଥିଲେ ।... ୨୬.୧୧.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାରିଝୋଲାଠାରେ ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ ଆନୁକୂଲ୍ୟରେ ବିଜ୍ଞାନ ପ୍ରଦର୍ଶନୀ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେଦାରନାଥ ପଣ୍ଡା ଓ କବିରାଜ ମହାରଣା "ଜଡ଼ ମଧ୍ୟରେ ଭଗବାନଙ୍କ ପ୍ରକାଶ ହୋଇପାରିବ" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଦାଶିବ ରାଜଗୁରୁ ଅଂଶଗ୍ରହଣ କରିଥିଲେ ।

**କୋରାପୁଟ:-** ନଭେମ୍ବର ୩ ଓ ୪ ତାରିଖ ଦୁଇଦିନଧରି ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ୨୩ତମ ରାଜ୍ୟସ୍ତରୀୟ ନିଖିଳ ଉତ୍କଳ ଛାତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଭବିଷ୍ୟତର ମହାନ ଭାରତ" ସମ୍ପର୍କରେ ସଚ୍ଚିଦାନନ୍ଦ ମିଶ୍ର, "ବିଭିନ୍ନ ରୋଗର ସମସ୍ୟା" ସମ୍ପର୍କରେ ଅରୁଣ ପାଢ଼ୀ, ଲଳିତ ମୋହନ ରଥ, ସୁଶାନ୍ତ ଦାସ ଓ "ମଧୁମୟୀ ମା" ସମ୍ପର୍କରେ ଯଶସ୍ୱିନୀ ରାଏ ଓ ସଙ୍ଗୀତା ପଟ୍ଟନାୟକ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଦଳଗତ ଆଲୋଚନା "ଜୀବନର ଯଥାର୍ଥ ଲକ୍ଷ୍ୟ", "କୈଶୋର ସ୍ୱାସ୍ଥ୍ୟ" ଓ "ଜୀବନ ଓ ଶିକ୍ଷାରେ ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ" ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଛାତ୍ରୀସମ୍ମିଳନୀର ବିଭିନ୍ନ ଅଧିବେଶନକୁ ହରିହର ସାହୁ, ଶୁଭଶ୍ରୀ ସମ୍ପଦା ମିଶ୍ର, ଶ୍ୱେତପଦ୍ମା ପତି, ଅଞ୍ଜଳି ସିହ୍ନା, ଉଷାରାଣୀ ଦାସ, ସୁଜାତା ପତି, ବିମଳ ପଟ୍ଟନାୟକ, ଗୀତାଞ୍ଜଳୀ ସେନାପତି ଓ ସୁପ୍ରଭା ଚୌଧୁରୀ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରସାଦ ତ୍ରିପାଠୀ, ବିଜୟିନୀ ମହାପାତ୍ର, ସାଗରିକା ନାଥ, ମର୍କତ କେଶରୀ ରାୟ, ବିରଞ୍ଚି ମହାପାତ୍ର, ସଙ୍ଗୀତା ମହାପାତ୍ର, ମମତା ସାମଲ ପ୍ରଭୃତି ଅଂଶଗ୍ରହଣ କରିଥିଲେ ।... ୭.୧୧.୧୮ରେ ଶ୍ରୀଅରବିନ୍ଦ ଭବନଠାରେ ଶ୍ରୀଅରବିନ୍ଦ ପାଠଚକ୍ରରେ "ଶୁଦ୍ଧତା ପାଇଁ ଇଚ୍ଛା" ସମ୍ପର୍କରେ ଟଙ୍କଧର ବେହେରା ଓ ପ୍ରଶାନ୍ତ କୁମାର ସାଇଁ ଆଲୋଚନା କରିଥିଲେ ।... ୭.୧୧.୧୮ରେ ମୁଣ୍ଡିପଦର

ବାର୍ଷିକୋତ୍ସବରେ ପ୍ରତାପ ଚନ୍ଦ୍ର ଦେଓ୍ୱାନ ଅଂଶଗ୍ରହଣ କରିଥିଲେ।... ୭.୧୧.୧୮ରେ ଶାନ୍ତିନଗରସ୍ଥିତ ଚନ୍ଦ୍ରିକା ଜାନିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଭଗବାନ ହିଁ ସାଧକ ଓ ଭଗବାନ ହିଁ ସାଧନା" ସମ୍ପର୍କରେ ନୀଳମାଧବ ମିଶ୍ର ଆଲୋଚନା କରିଥିଲେ।.... ୧୦.୧୧.୧୮ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ସୁପ୍ରଭା ରଥଙ୍କ ଜନ୍ମଦିନ ଉପଲକ୍ଷେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୧.୧୧.୧୮ରେ ମୁଣ୍ଡିପଦରଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦୈନନ୍ଦିନ ଜୀବନର ସାଧନା" ଓ "ଶ୍ରୀମାଶ୍ରୀଅରବିନ୍ଦଙ୍କ ଆବିର୍ଭାବର ରହସ୍ୟ" ସମ୍ପର୍କରେ ସଙ୍ଗୀତା ପଟ୍ଟନାୟକ ଓ କୁଞ୍ଜଲତା ଦଳେଇ ଆଲୋଚନା କରିଥିଲେ।... ୧୬.୧୧.୧୮ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ମହିମା ସାହୁର ଜନ୍ମ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଶ୍ରୀ , ସ୍ମୃତି ମହିମା, ଅର୍ଚ୍ଚିତା ମହାରଥା ଓ ବୈଶାଳିନୀ ଅଂଶଗ୍ରହଣ କରିଥିଲେ।... ନଭେମ୍ବର ୧୩ରୁ ୨୦ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ଭବନଠାରେ "ମା' ପୁସ୍ତକର ୧ମ ଅଧ୍ୟାୟରୁ ୪ର୍ଥ" ପର୍ଯ୍ୟନ୍ତ ହରେକୃଷ୍ଣ ମହାରଣା, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଇନ୍ଦୁମତି ମହାନ୍ତି ଓ ଅଞ୍ଜଳି ବିଶୋଇ ଆଲୋଚନା କରିଥିଲେ।... ୧୩.୧୧.୧୮ରେ ଶ୍ରୀଅରବିନ୍ଦ ଭବନଠାରେ ସ୍ୱର୍ଗତଃ ଲଳିତ ମୋହନ ପଟ୍ଟନାୟକ, ରୀନା ଅପା ଓ ନୀର ଭାଇଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି।... ୨୪.୧୧.୧୮ରେ ଶ୍ରୀଅରବିନ୍ଦ ଭବନଠାରେ ସିଦ୍ଧିଦିବସରେ ସୁପ୍ରଭା ରଥ "ମା' ପୁସ୍ତକର ୫ମ ଅଧ୍ୟାୟ" ଆଲୋଚନା କରିଥିଲେ।... ୨୬.୧୧.୧୮ରେ ଶ୍ରୀଅରବିନ୍ଦ ଭବନଠାରେ ଟଙ୍କଧର ବେହେରାଙ୍କ ଜନ୍ମଦିବସରେ ହରିହର ସାହୁ "ଶ୍ରୀଅରବିନ୍ଦଙ୍କ ଭାବନା କାରିକା" ବିଷୟରେ ଆଲୋଚନା କରିଥିଲେ।... ୩୦.୧୧.୧୮ରେ ଶ୍ରୀଅରବିନ୍ଦ ଭବନଠାରେ ରଘୁନାଥଙ୍କ ଜନ୍ମଦିବସରେ ଶ୍ରୀଅରବିନ୍ଦ ପାଠଚକ୍ରରେ ହରିହର ସାହୁ ଅଂଶଗ୍ରହଣ କରିଥିଲେ।... ଡିସେମ୍ବର ୫ ଓ ୯ରେ ଯୋଗାଳୟ, କୋଟପାଡଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମୃତ୍ୟୁର ରହସ୍ୟ" ସମ୍ପର୍କରେ ସଚ୍ଚିଦାନନ୍ଦ ରଥ ଆଲୋଚନା କରିଥିଲେ।... ୯.୧୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଜୟପୁର ଜଳସେଚନ ବସତିଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅତିମାନସ ଶକ୍ତିର ଅବତରଣ" ସମ୍ପର୍କରେ ଶୁଭଶ୍ରୀ ସମ୍ପଦା ମିଶ୍ର ଆଲୋଚନା କରିଥିଲେ।... ୯.୧୨.୧୮ରେ ଜୟପୁରଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠାର ତାତ୍ପର୍ଯ୍ୟ" ସମ୍ପର୍କରେ ଶୁଭଶ୍ରୀ ସମ୍ପଦା ମିଶ୍ର ଆଲୋଚନା କରିଥିଲେ।... ୨୦.୧୨.୧୮ରେ କୋଟପାଡ ଯୋଗାଳପୁରଠାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ

"What Sri Aurobindo represents........", "No human will can finally prevail against the Divine's Will." ସମ୍ପର୍କରେ ଓ "ଦେବ ମୁହୂର୍ତ୍ତ" ସମ୍ପର୍କରେ ସି.ଏଚ୍.ଶାନ୍ତାକାର, ହରେକୃଷ୍ଣ ପ୍ରଧାନ ଓ ସୁଧିରାଜ ରାଉତ ଆଲୋଚନା କରିଥିଲେ। ଡିସେମ୍ବର ୨୨ ରୁ ୨୪ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୋଟପାଡଠାରେ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।... ୨୮.୧୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୋରାପୁଟରେ ୩୪ତମ ବାର୍ଷିକ କ୍ରୀଡା ଉତ୍ସବ ହରିହର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରୁଣ କୁମାର ଯୋଶୀ, ଟଙ୍କଧର ବେହେରା, ସଙ୍ଗୀତା ମହାପାତ୍ର ଓ ସୁରେନ୍ଦ୍ରନାଥ ଦାଶ ଅଂଶଗ୍ରହଣ କରିଥିଲେ।... ୩୦.୧୨.୧୮ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର କ୍ରୀଡା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।... ୩୧.୧୨.୧୮ରେ ଦୁଲାଗଡାସ୍ଥିତ ଏ. ଭାରତୀଙ୍କ ବାସଭବନରେ ଏ.ଶ୍ରାବଣୀଙ୍କ ଜନ୍ମଦିବସରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିନର ତାତ୍ପର୍ଯ୍ୟ" ସମ୍ପର୍କରେ ଶୁଭଶ୍ରୀ ସମ୍ପଦା ମିଶ୍ର ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନୀଳମାଧବ ମିଶ୍ର, ଗୀତାଞ୍ଜଳି ବେହେରା, ବବିତାରାଣୀ ଦୋରା ଓ ବବିତା ସାବତ ଅଂଶଗ୍ରହଣ କରିଥିଲେ।... ୨.୧.୧୮ରେ ଶାନ୍ତିନଗରସ୍ଥିତ ଟୁନି ପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟଜୀବନର ସନ୍ଧାନ" ସମ୍ପର୍କରେ ନୀଳମାଧବ ମିଶ୍ର, ଗୀତାଞ୍ଜଳି ବେହେରା, ବବିତାରାଣୀ ଦୋରା, ବବିତା ସାବତ ଓ ମାମାଲି ପାତ୍ର ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଷୀରମଣି ତନ୍ତ୍ରୀ, ସନ୍ତୋଷିନୀ ବେହେରା ଓ ନାଳିବତୀ ବିଶୋୟୀ ଅଂଶଗ୍ରହଣ କରିଥିଲେ।

**ନବରଙ୍ଗପୁର:-** ୨୫.୧୧.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନବରଙ୍ଗପୁରଠାରେ ସମର୍ପଣ ମଣ୍ଡଳସ୍ତରୀୟ ଏକ ଶ୍ରଦ୍ଧାଞ୍ଜଳୀ ସଭା ୰ଲଳିତ ମୋହନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନେକ ମାତୃପ୍ରେମୀ ଅପା ଭାଇ ଅଂଶଗ୍ରହଣ କରିଥିଲେ।... ୨.୧୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ତୁରୁଡିହିଠାରେ ଜିଲ୍ଲାସ୍ତରୀୟ କ୍ରୀଡା ସମ୍ମିଳନୀ ଶ୍ୟାମସୁନ୍ଦର ନିଙ୍ଗୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଧିରାଜ ରାଉତ ଓ ସୁରେଶ ମିଶ୍ର "ଶରୀର ଚର୍ଚ୍ଚା" ସମ୍ପର୍କରେ ଆଲୋଚନା କରିଥିଲେ।...୫.୧୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନବରଙ୍ଗପୁରଠାର ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି।... ୯.୧୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନବରଙ୍ଗପୁରଠାର ଶ୍ରୀଅରବିନ୍ଦଙ୍କ ମହାସମାଧି ଦିବସ ପାଳନ ଅବସରରେ ରଞ୍ଜନ କୁମାର ମହାପାତ୍ର ଅଂଶଗ୍ରହଣ କରିଥିଲେ।... ୨୩.୧୨.୧୮ରେ ଅଗ୍ନିପୁର ଓ

ଛକାଛପରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସବିତା ପଟ୍ଟନାୟକ, ସି.ଏଚ୍ ଉଷାରାଣୀ, ପ୍ରପର୍ଣ୍ଣା ସାହୁ, ସୁଜାତା ମିଶ୍ର, ପଦ୍ମାବତୀ ବିଷୋୟୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

**ସତ୍ୟ ମଣ୍ଡଳ**

**କଟକ:-** ... ୨୫.୧୧.୧୮ରେ ଅରୁଣୋଦୟନଗର ବାଦାମବାଡିସ୍ଥିତ କୈଳାସ ଚନ୍ଦ୍ର ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ କପିଳାସ ପ୍ରସାଦ ଦାଶ "ମାନବ ଯୁଗ-ଚକ୍ର" ସମ୍ପର୍କରେ ଆଲୋଚନା କରିଥିଲେ।... ୨୮.୧୦.୧୮ ତାରିଖରେ ବିବେକାନନ୍ଦ ଲେନସ୍ଥିତ ସଞ୍ଜୁକ୍ତା ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାନାମ୍ବର ମହାନ୍ତିଙ୍କ ପରିଚାଳନା ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମାନବ ଯୁଗଚକ୍ର" ସମ୍ପର୍କରେ ଆଲୋଚନା କରାଯାଇଥିଲା । ୧୨.୧୧.୧୮ରେ ବହଳପଡାସ୍ଥିତ ଗଣେଶ ଚନ୍ଦ୍ର ସେନାପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "କିପରି ମାନବ ଜୀବନକୁ ମହନୀୟ କରିବା" ସମ୍ପର୍କରେ ସଞ୍ଜୟ କୁମାର ମହାପାତ୍ର, ଶଙ୍କର୍ଷଣ ସେନାପତି ଓ କାଳନ୍ଦୀ ଚରଣ ସେନାପତି ଅଂଶଗ୍ରହଣ କରିଥିଲେ । ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଚିତ୍ତ ରଞ୍ଜନ ମହାପାତ୍ର, ନବ କିଶୋର ଦାଶ ଓ ଧୀରେନ୍ଦ୍ର ବେହେରା ଅଂଶଗ୍ରହଣ କରିଥିଲେ ।... ୧୩.୧୧.୧୮ରେ ପାଟଣାସ୍ଥିତ ସରୋଜ ନଳିନୀ ପରିଜା ଓ ନାରାୟଣ ଚନ୍ଦ୍ର ମହାନ୍ତିଙ୍କ ଆବାହନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ବିବର୍ତ୍ତନ ପ୍ରକ୍ରିୟା ଓ ମା'ଙ୍କ କୃପା" ସମ୍ପର୍କରେ ଶଙ୍କର୍ଷଣ ସେନାପତି ଓ କାଳନ୍ଦୀ ଚରଣ ସେନାପତି ଆଲୋଚନା କରିଥିଲେ ।... ୨୧.୧୧.୧୮ରେ କଳପଡାସ୍ଥିତ ପ୍ରମୋଦ କୁମାର ମହାନ୍ତିଙ୍କ ଆୟୋଜନ ଓ କୈବଲ୍ୟ ଜେନାଙ୍କ ପୌରହିତ୍ୟରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗର ସାର୍ବଜନୀନତା" ସମ୍ପର୍କରେ ସଞ୍ଜୟ କୁମାର ମହାପାତ୍ର ଓ କାଳନ୍ଦୀ ଚରଣ ସେନାପତି ଆଲୋଚନା କରିଥିଲେ ।... ୨୪.୧୧.୧୮ରେ ବହଳପଡାସ୍ଥିତ ଜଗନ୍ନାଥ ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଅତିମାନସର ଅବତରଣ ପାଇଁ ଅଧିମାନସ ସିଦ୍ଧିର ଅପରିହାର୍ଯ୍ୟତା" ସମ୍ପର୍କରେ ଶଙ୍କର୍ଷଣ ସେନାପତି ଓ କାଳନ୍ଦୀଚରଣ ସେନାପତି ଆଲୋଚନା କରିଥିଲେ ।... ୨୪.୧୧.୧୮ରେ କାଜିଡିହସ୍ଥିତ ବୀରବର ବିଶ୍ୱାଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଶରତ ଚନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ଚତୁର୍ଥ ସ୍ୱପ୍ନ" ଓ "ଚୈତ୍ୟପୁରୁଷଙ୍କ ଜନ୍ମ ବିକାଶ" ସମ୍ପର୍କରେ ପଦ୍ମଲୋଚନ ପୋଥାଳ ଓ ସଞ୍ଜୟ କୁମାର ମହାପାତ୍ର ଆଲୋଚନା କରିଥିଲେ । ଉପସଂହାର ଗଦାଧର ମିଶ୍ର କରିଥିଲେ ।... ୨୫.୧୧.୧୮ରେ ଭାରଗୋଳସ୍ଥିତ ଶିଶିର କୁମାର ପତି ଓ ବିନୋଦିନୀ ପତିଙ୍କ

ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଜ୍ୟୋତ୍ସ୍ନାରାଣୀ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଦୈନନ୍ଦିନ ଜୀବନରେ ପୂର୍ଣ୍ଣଯୋଗର ପ୍ରୟୋଗ" ସମ୍ପର୍କରେ ନୟନା ମହାନ୍ତି ଆଲୋଚନା କରିଥିଲେ ।... ୨୬.୧୧.୧୮ରେ ଦଧିବାମନପୁରସ୍ଥିତ ବେଦ ଭବନଠାରେ ଜ୍ୟୋତ୍ସ୍ନାରାଣୀ ଦାଶଙ୍କ ଆବାହନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଜନ୍ମଦିନର ପବିତ୍ର ଅଭୀପ୍ସା" ସମ୍ପର୍କରେ ଶଙ୍କର୍ଷଣ ସେନାପତି, କାଳନ୍ଦୀ ଚରଣ ସେନାପତି ଓ କୈବଲ୍ୟ ଜେନା ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଲତା ଦାସ, ଲୀଳାବତୀ ମହାପାତ୍ର, ଡ. ପ୍ରଶାନ୍ତ କୁମାର ନନ୍ଦ, ନିକୁଞ୍ଜ ବିହାରୀ ମହାନ୍ତି, କୈଳାସ ଚନ୍ଦ୍ର ରାଉତ ଓ ସୁରେନ୍ଦ୍ର ରାଉତ ସହଯୋଗ କରିଥିଲେ ।... ୩୦.୧୧.୧୮ରେ ଅରଡସ୍ଥିତ ଖଗେଶ୍ୱର ଲେଙ୍କାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ନବସୃଷ୍ଟି" ସମ୍ପର୍କରେ ବିଜୟ କୁମାର ପତି, ସୁବଳ କୁମାର ଜେନା, ଡା. ନାରାୟଣ ଚନ୍ଦ୍ର ଶତପଥି,କୈବଲ୍ୟ ଜେନା, ସଞ୍ଜୟ କୁମାର ମହାପାତ୍ର, କୀର୍ତ୍ତନ ବିହାରୀ ବ୍ରହ୍ମ ଓ କାଳନ୍ଦୀ ଚରଣ ସେନାପତି ଅଂଶଗ୍ରହଣ କରିଥିଲେ ।... ୯.୧୨.୧୮ରେ ବାଙ୍କୀସ୍ଥିତ ଅଖିଳ ବୀରବର ହରିଚନ୍ଦନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨୦ତମ ବାର୍ଷିକୋତ୍ସବ କୌଶିକ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁନୀଲ କୁମାର ପୃଷ୍ଟି "ପୂର୍ଣ୍ଣଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚନ୍ଦନକୁମାର ସୁବୁଦ୍ଧି, ଦାମୋଦର ରାଜ ଓ କୌଶିକ ନାୟକ ଅଂଶଗ୍ରହଣ କରିଥିଲେ ।... ୧୧.୧୨.୧୮ରେ ବାଦାମବାଡିସ୍ଥିତ ଚନ୍ଦ୍ରମଣି ସିଂହଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ସନାତନ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଜନ୍ମ ଓ ମୃତ୍ୟୁ" ସମ୍ପର୍କରେ କପିଳାସ ଚନ୍ଦ୍ର ରାଉତ ଓ ଦେବେନ୍ଦ୍ର ନାଥ ଚୌଧୁରୀ ଆଲୋଚନା କରିଥିଲେ ।... ୧୬.୧୨.୧୮ରେ ଚକୁଳେଶ୍ୱରସ୍ଥିତ ମହେନ୍ଦ୍ର କୁମାର ପରିଡାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୩୦ତମ ବାର୍ଷିକୋତ୍ସବ ବୀରବର ହରିଚନ୍ଦନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହେନ୍ଦ୍ର କୁମାର ପରିଡା "ଚାରି ପ୍ରକାରର ଭକ୍ତ" ଓ ସୁବାସ କର "ପୂର୍ଣ୍ଣଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ ।... ୨୫.୧୨.୧୮ରେ ବାଙ୍କିସ୍ଥିତ ଦାମୋଦର ରାଜଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୯ତମ ବାର୍ଷିକୋତ୍ସବ ଅଖିଳ ବିରବର ହରିଚନ୍ଦନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁନୀଲ କୁମାର ପୃଷ୍ଟି "ଶକ୍ତି ଚତୁଷ୍ଟୟ", ମହେନ୍ଦ୍ର କୁମାର ପରିଡା "ବର୍ତ୍ତମାନ ପରିସ୍ଥିତିରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଉପସ୍ଥିତିର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅପର୍ତ୍ତି ଚରଣ ମନ୍ତ୍ରୀ, ଚନ୍ଦନ ସୁବୁଦ୍ଧି, କୌଶିକ ନାୟକ ଅଂଶଗ୍ରହଣ କରିଥିଲେ ।...

**ଯାଜପୁର:-** ୧୭.୧୧.୧୮ରେ ଖପୁରୀଆପଦାସ୍ଥିତ ଭାଗିରଥିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ହୃଷିକେଶ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀମା'ଙ୍କ ମହାପ୍ରୟାଣ ଦିବସ" ସମ୍ପର୍କରେ ହୃଷିକେଶ ମିଶ୍ର ଓ ମନୋରଞ୍ଜନ ଜେନା ଅଂଶଗ୍ରହଣ କରିଥିଲେ ।... ୨୦.୧୧.୧୮ରେ ଭଣ୍ଡାରୀପୋଖରୀସ୍ଥିତ ପ୍ରଦୀପ କୁମାର ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ହୃଷିକେଶ ମିଶ୍ର "ମହାସମାଧି" ଓ ମନୋରଞ୍ଜନ ଜେନା "ପାଠଚକ୍ର ସଙ୍ଗଠନ" ସମ୍ପର୍କରେ ଆଲୋଚନା କରିଥିଲେ ।... ୨୪.୧୧.୧୮ରେ ମାତୃପୀଠ, କାଜିପାଟଣାଠାରେ ସିଦ୍ଧିଦିବସ ପାଳିତ ହୋଇଯାଇଛି । ଏଥିରେ ହୃଷିକେଶ ମିଶ୍ର "ସିଦ୍ଧିଦିବସରେ ଶ୍ରୀକୃଷ୍ଣଙ୍କର ଚେତନାର ଅବତରଣ" ଓ ମନୋରଞ୍ଜନ ଜେନା "ଶ୍ରୀଅରବିନ୍ଦ ପାଠଚକ୍ର ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥ ଅଧ୍ୟୟନ" ସମ୍ପର୍କରେ ଆଲୋଚନା କରିଥିଲେ ।... ୫.୧୨.୧୮ରେ ତେସିଙ୍ଗ ସ୍ଥିତ କେଦାର ବିଶ୍ୱାଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ହୃଷିକେଶ ମିଶ୍ର, ପ୍ରଦୀପ କୁମାର ଜେନା ଓ ଅନନ୍ତ କୁମାର ସାହୁ "ଦେହତ୍ୟାଗ" ସମ୍ପର୍କରେ ଆଲୋଚନା କରିଥିଲେ ।... ୯.୧୨.୧୮ରେ ମତାବାଜ ଶାସନସ୍ଥିତ ଲକ୍ଷ୍ମଣ କୁମାର ପଣ୍ଡାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ହୃଷିକେଶ ମିଶ୍ର "ମହାସମାଧି" ସମ୍ପର୍କରେ ଓ ରାମଚନ୍ଦ୍ର ପଣ୍ଡା "ଅତିମାନସ ଅବତରଣ ପରେ ପୃଥିବୀରେ ମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟ କିପରି ଅଗ୍ରଗତି କରୁଛି" ସମ୍ପର୍କରେ ଆଲୋଚନା କରିଥିଲେ ।

**କେନ୍ଦୁଝର:-** ୮.୧୧.୧୮ରେ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ର, ବିନିଦାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏଥିରେ ବସନ୍ତ କୁମାର ପୁଷ୍ଟି, ଶ୍ରୀକାନ୍ତ ସାହୁ, ରାଜନ କୁମାର ସାହୁ "ଭଗବାନଙ୍କୁ ଖୋଜି ପାଇବା କିପରି ?" ସମ୍ପର୍କରେ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରତାପ ଚନ୍ଦ୍ର ସାହୁ, ଦୟାନିଧି ମହାପାତ୍ର ଅଂଶଗ୍ରହଣ କରିଥିଲେ ।

**ଜଗତସିଂହପୁର:-** ... ୨.୧୨.୧୮ରେ ପାରେଶ୍ୱରସ୍ଥିତ ଭିକାରୀ ଭବନଠାରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ହେବ ଉଚିତ୍ କର୍ମୀ" ସମ୍ପର୍କରେ ସୌଭାଗିନୀ ସାହୁ, ଗିରିଧାରୀ ସାହୁ ଓ ମାନସୀ ସାମନ୍ତରା ଆଲୋଚନା କରିଥିଲେ ।... ୫.୧୨.୧୮ରେ ବଳରାମପୁରସ୍ଥିତ ଶୈଳବାଳା ବଳବନ୍ତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୟକୃଷ୍ଣ ସ୍ୱାଇଁ ଓ ହେମନ୍ତ କୁମାର ଦାସ ଅଂଶଗ୍ରହଣ କରିଥିଲେ ।... ଡିସେମ୍ବର ୯ ରୁ ୧୧ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ନିବାସଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ରାଜକିଶୋର ଖଟୁଆଙ୍କ

ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟଜନନୀ ଶ୍ରୀମା", "ଶ୍ରୀଅରବିନ୍ଦଙ୍କ ସାବିତ୍ରୀ", "ସାବିତ୍ରୀ ଏକ ଉପକ୍ରମ", "ଅନ୍ୟାନ୍ୟ ପନ୍ଥା ଓ ଶ୍ରୀଅରବିନ୍ଦଙ୍କ ଯୋଗ", "କର୍ମ ହିଁ ଆମ ସାଧନା", "ଅତିମାନସର ଅବତରଣ ଓ କ୍ରିୟା", "ଶ୍ରୀଅରବିନ୍ଦଙ୍କ ଯୋଗରେ ମନର ମହତ୍ତ୍ୱ", "ରୂପାନ୍ତର ଯୋଗରେ ନାମଜପ", "ଭବିଷ୍ୟତ ଜୀବନ ଗଠନରେ ନାରୀର ଭୂମିକା", "ନୂତନ ସୃଷ୍ଟି ଲାଗି ନାରୀର ସାଧନା" , "ନାରୀର ଅଭୀପ୍ସା ଓ ନୂତନ ପୃଥିବୀ", "ଅନ୍ତରରେ ବାସ କରିବା" ସମ୍ପର୍କରେ ଭାଗିରଥୀ ମହାପାତ୍ର, ପ୍ରକାଶ ଚନ୍ଦ୍ର ପଣ୍ଡା, ସରୋଜକାନ୍ତ ମିଶ୍ର, ପ୍ରଭାତ କୁମାର ନାୟକ, ସୁବାସ କର, ମଧୁସୂଦନ ମହାପାତ୍ର, ଗଦାଧର ମିଶ୍ର, ସଞ୍ଜୟ କୁମାର ମହାପାତ୍ର, ପ୍ରସାଦ ତ୍ରିପାଠୀ, ବିରଞ୍ଚିନାରାୟଣ ମହାପାତ୍ର ପ୍ରମୁଖ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦେବଦତ୍ତ ସାହୁ, ସାଧୁଚରଣ ସାହୁ, ରବିନ୍ଦ୍ର କୁମାର ନାୟକ ଓ ପ୍ରଫୁଲ୍ଲ କୁମାର ଦାସ ପରିଚାଳନା କରିଥିଲେ।... ୧୨.୧୨.୧୮ରେ ଅରୋମୀରା ଦିବ୍ୟଜ୍ୟୋତି ଆଶ୍ରମ, ତିର୍ତ୍ତୋଲଠାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ବାସୁଦେବ ନାୟକଙ୍କ ପରିଚାଳନାରେ ପାଳିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସର ତାତ୍ପର୍ଯ୍ୟ" ସମ୍ପର୍କରେ ପଞ୍ଚାନନ ସାହୁ, ବିକାଶ ରଞ୍ଜନ ପ୍ରଧାନ, ହେମନ୍ତ କୁମାର ଦାସ, ଶୈଳବାଳା ବଳବନ୍ତ ରାଏ, ରାକେଶ କୁମାର ମହାନ୍ତି, ପ୍ରଭୁଚରଣ ଦାସ, ମିରାରାଣୀ ବଳ, ରବିନ୍ଦ୍ର କୁମାର ରାଉତ ଓ ମନୋଜ ମନୋହାରୀ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସର୍ବେଶ୍ୱର ମହାପାତ୍ର ଓ ଜଗନମୋହନ ପୃଷ୍ଟି ଯୋଗଦେଇଥିଲେ। ... ୧୬.୧୨.୧୮ରେ ନବାପାଟଣାସ୍ଥିତ ପ୍ରସନ୍ନ କୁମାର ପଣ୍ଡାଙ୍କ ବାସଭବନରେ ଅମୃତମୟୀ ପାଠଚକ୍ରର ବାର୍ଷିକୋତ୍ସବ ଦେବରାଜ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିକାଶ ପରିଡା, ଜୟସ୍ମିତ ମହାପାତ୍ର ଓ ତ୍ରିପୁରାଧର ନନ୍ଦ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୬.୧୨.୧୮ରେ କୋଲଡିଆଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ସର୍ବେଶ୍ୱର ମହାପାତ୍ର ଓ ବାସୁଦେବ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବିଶ୍ୱାସ, ଆନ୍ତରିକତା, ସଙ୍କଳ୍ପ" ଓ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ କପିଳାସ ପ୍ରସାଦ ଦାଶ, ବିଜୟଭୂଷଣ ପତି ଓ ସମରେନ୍ଦ୍ର ରାଉତ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରବୀନ୍ଦ୍ର କୁମାର ରାଉତ, ହେମନ୍ତ କୁମାର ଦାସ ଓ ସୁଧାଂଶୁ ଶେଖର ତରାଇ ଅଂଶଗ୍ରହଣ କରିଥିଲେ।... ୧୬.୧୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପିପଳମାଧବଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ପ୍ରଭୁଚରଣ ଆଚାର୍ଯ୍ୟଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମାଆ ଆମ ହୃଦୟରେ ଅଛନ୍ତି" ସମ୍ପର୍କରେ ରାକେଶ

ମହାନ୍ତି, ମଦନ ଓ ବିକାଶ ରଞ୍ଜନ ପ୍ରଧାନ ଆଲୋଚନା କରିଥିଲେ। ... ୧୭.୧୨.୧୮ରେ କରଞ୍ଜଠାରେ ୰ନିତ୍ୟାନନ୍ଦ ଦାଶଙ୍କ ଶ୍ରାଦ୍ଧ ଦିବସରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚିତ୍ରାନନ୍ଦ ସ୍ୱାଇଁ, ପ୍ରହ୍ଲାଦ ଚନ୍ଦ୍ର ସ୍ୱାଇଁ, ଅନ୍ତର୍ଯ୍ୟାମୀ ପ୍ରଧାନ, ଜଗନମୋହନ ସ୍ୱାଇଁ ଓ ସର୍ବେଶ୍ୱର ମହାପାତ୍ର ଅଂଶଗ୍ରହଣ କରିଥିଲେ।... ୨୩.୧୨.୧୮ରେ ତଡାଇଗୁଆଁସ୍ଥିତ ମୋହନ ଚରଣ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୩୦ତମ ବାର୍ଷିକୋତ୍ସବ ସର୍ବେଶ୍ୱର ମହାପାତ୍ରଙ୍କ ଉପସ୍ଥିତି ଓ ଜଗନମୋହନ ସ୍ୱାଇଁଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପରିପୂର୍ଣ୍ଣତା ପାଇଁ ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ବିଚିତ୍ରାନନ୍ଦ ସ୍ୱାଇଁ, ହେମନ୍ତ କୁମାର ଦାସ, ଦେବେନ୍ଦ୍ର ନାଥ ବିଶ୍ୱାଳ ଓ ମାଗୁଣି ଚରଣ ଦାଶ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜନ୍ମେଜୟ ପ୍ରଧାନ, ନଳିନୀକାନ୍ତ ନାୟକ, ଅନ୍ତର୍ଯ୍ୟାମୀ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ଚୁଳୀ, ପ୍ରଫୁଲ୍ଲ ପ୍ରଧାନ, ପିତାମ୍ବର ସ୍ୱାଇଁ ଓ ଶ୍ୟାମସୁନ୍ଦର ଭୋଳ ସହଯୋଗ କରିଥିଲେ।... ୨୩.୧୨.୧୮ରେ ତରାସାହି ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ପ୍ରଥମ ବାର୍ଷିକୋତ୍ସବ ତାପସ ମହାପାତ୍ରଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ?", "ପୂର୍ଣ୍ଣାଙ୍ଗ ଶିକ୍ଷାର ଆବଶ୍ୟକତା" ସମ୍ପର୍କରେ ସୁକାନ୍ତ କୁମାର ଜେନା, ବିକାଶ ପରିଡା, ଧ୍ରୁବ ଚରଣ ସାହୁ ଓ ଜଗତପ୍ରସାଦ ମହାନ୍ତି ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରବିନ୍ଦ୍ର କୁମାର ରାଉତ, ଧର୍ମାନନ୍ଦ ରାଉତ ଓ ଅଭୟ ଚରଣ ସ୍ୱାଇଁ ସହଯୋଗ କରିଥିଲେ।... ୨୭.୧୨.୧୮ରେ ପାଦପାଲିସ୍ଥିତ ବୈରାଗି ଗୋଚ୍ଛାୟତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିବସରେ ଶ୍ରୀମାଙ୍କର ବାଣୀ" ସମ୍ପର୍କରେ ପଞ୍ଚାନନ ସାହୁ, ଶ୍ରୀଧର ବିଶ୍ୱାଳ, ସୁଲୋଚନା ବେହେରା, ବିଚିତ୍ରାନନ୍ଦ ସ୍ୱାଇଁ, ମିନତି ନାୟକ ଆଲୋଚନା କରିଥିଲେ।... ଡିସେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ନିବାସଠାରେ ତିନିଦିନଧରି ଶ୍ରୀଅରବିନ୍ଦ ସ୍ୱାସ୍ଥ୍ୟ ବାହିନୀ ତରଫରୁ ଏକ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାନ୍ତ କୁମାର ନନ୍ଦ, ଗୀତାଞ୍ଜଳି ମହାନ୍ତି, ଦିପ୍ତୀମୟୀ ବେହେରା, ରବି ପାଲ, ପ୍ରଭାକର ଜେନା, ହୃଷିକେଶ ପାତ୍ର, ଆଭା କାନୁନଗୋ, ରାଜକିଶୋର ଖଟୁଆ, ଦେବଦତ୍ତ ସାହୁ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ରାଉଳ ଓ ଅଭୟ ଚରଣ ସ୍ୱାଇଁ ପରିଚ୍ଳନା କରିଥିଲେ।... ୩୦.୧୨.୧୮ରେ ବାଲିସାହିଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ୪୦ତମ ବାର୍ଷିକୋତ୍ସବ ଧ୍ରୁବଚରଣ ସାହୁଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଖାଲମୋହନ ଦାସ, ସୁବାସ ଚନ୍ଦ୍ର କର ଓ ତାପସ ମହାପାତ୍ର "ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ", "ସିଦ୍ଧାନ୍ତ ସମନ୍ୱୟ" ଓ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଓ କାହିଁକି ?" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ

କାର୍ଯ୍ୟକ୍ରମରେ ନିରଞ୍ଜନ ନାୟକ (ନାଉଗାଁ), ଅଭୟ ଚରଣ ସାଇଁ ଓ ରବିନ୍ଦ୍ର କୁମାର ରାଉତ ଅଂଶଗ୍ରହଣ କରିଥିଲେ।... ୩୧.୧୨.୧୮ରେ କୁଜଙ୍ଗସ୍ଥିତ ବିଶ୍ୱଜିତ ପ୍ରିୟଦର୍ଶନୀଙ୍କ ଜନ୍ମଦିବସରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୈଳବାଳା ବଳବନ୍ତରାଏ, ଜୟକୃଷ୍ଣ ସାଇଁ ଓ ବାସୁଦେବ ନାୟକ "ଜନ୍ମଦିବସ ଉପଲକ୍ଷ୍ୟେ" ସମ୍ପର୍କରେ ଆଲୋଚନା କରିଥିଲେ।... ୧.୧.୧୯ରେ କଟରାସ୍ଥିତ ସୁବାସ ଚନ୍ଦ୍ର ଜେଠୀଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ରବିନ୍ଦ୍ର କୁମାର ରାଉତଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବିନ୍ଦ୍ର କୁମାର ମହାନ୍ତି, ପଞ୍ଚାନନ ସାହୁ, ଭାସ୍କର ଚନ୍ଦ୍ର ସାହୁ, ତାପସ ମହାପାତ୍ର "ଶ୍ରୀଅରବିନ୍ଦଙ୍କ ଯୋଗଦାନ" ସମ୍ପର୍କରେ ଆଲୋଚନା କରିଥିଲେ।... ୧.୧.୧୯ରେ ଜଗତସିଂହପୁରସ୍ଥିତ ପ୍ରେମାନନ୍ଦ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫୁଲ୍ଲ କୁମାର ଦାସ "ଶ୍ରୀଅରବିନ୍ଦଙ୍କ ୫ଟି ସ୍ୱପ୍ନ ଓ ୩ଟି ପାଗଳାମି" ସମ୍ପର୍କରେ ଆଲୋଚନା କରିଥିଲେ।... ୧.୧.୧୯ରେ ପିପଳସ୍ଥିତ ଗୋବର୍ଦ୍ଧନ ନାୟକଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ନବନର୍ଷର ବାଣୀ" ପଠନ କରି ଆଲୋଚନା କରିଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୀର୍ତ୍ତନ ବିହାରୀ ବ୍ରହ୍ମ, ସର୍ବେଶ୍ୱର ମହାପାତ୍ର, ଜଗନ୍ନାଥ ସାଇଁ, ସୁଧାଂଶୁ ଶେଖର ତରାଇ, ହେମନ୍ତ କୁମାର ଦାସ, ଜୟକୃଷ୍ଣ ସାଇଁ, ଶୈଳବାଳା ନାୟକ ଓ ସସ୍ମିତା ନାୟକ ଅଂଶଗ୍ରହଣ କରିଥିଲେ।... ୧.୧.୧୯ରେ ତାଳଦଣ୍ଡାଗ୍ରାମର କ୍ରିଷ୍ଣାମଞ୍ଜରି ମହାପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶୈଳବାଳା ବଳବନ୍ତରାଏ, ଶ୍ରୀଧର ବିଶ୍ୱାଳ, ମନୋଜ କିଶୋର ମନୋହାରି, ଚୈତନ୍ୟ ଜେନା, କ୍ରିଷ୍ଣାମଞ୍ଜରି ମହାପାତ୍ର, ପଞ୍ଚାନନ ସାହୁ, ସବିତା ଓଝା, ସସ୍ମିତା ବେହେରା, ଚକ୍ରଧର ସାଇଁ ଓ ହେମନ୍ତ କୁମାର ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୧.୧.୧୯ରେ ପିପ୍ପଳସ୍ଥିତ ଗୋବର୍ଦ୍ଧନ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ବାସୁଦେବ ନାୟକଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ନବବର୍ଷର ବାଣୀ" ପାଠ କରାଯାଇ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୀର୍ତ୍ତନ ବିହାରୀ ବ୍ରହ୍ମ, ସର୍ବେଶ୍ୱର ମହାପାତ୍ର, ଜଗନ୍ନାଥ ସାଇଁ, ଜୟକୃଷ୍ଣ ସାଇଁ, ଶୈଳବାଳା ବଳବନ୍ତରାଏ, ହେମନ୍ତ କୁମାର ଦାସ, ଚକ୍ରଧର ସାଇଁ, ସୁଧାଂଶୁଶେଖର ତରାଇ ଓ ସସ୍ମିତା ନାୟକ ଅଂଶଗ୍ରହଣ କରିଥିଲେ।... ୧.୧.୧୯ରେ ତାଳଦଣ୍ଡାସ୍ଥିତ କ୍ରିଷ୍ଣାମଞ୍ଜରୀ ମହାପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅଞ୍ଜନା ମହାପାତ୍ରଙ୍କ ସହଯୋଗ ଓ ବାସୁଦେବ ନାୟକଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜନ୍ମଦିନ

ଉପଲକ୍ଷ୍ୟେ ଶ୍ରୀମା'ଙ୍କ ବାଣୀ" ସମ୍ପର୍କରେ ଆଲୋଚନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ହେମନ୍ତ କୁମାର ଦାସ, ଚକ୍ରଧର ସ୍ୱାଇଁ, ସସ୍ମିତା ବେହେରା, ଶୈଳବାଳା ବଳବନ୍ତରାଏ, ଶ୍ରୀଧର ବିଶ୍ୱାଳ, ମନୋଜ କିଶୋର ମନୋହାରୀ, ଚୈତନ୍ୟ ଜେନା, କ୍ରିଷ୍ଣାମଞ୍ଜରୀ ମହାପାତ୍ର, ପଞ୍ଚାନନ ସାହୁ ଓ ସବିତା ଓଝା ଅଂଶଗ୍ରହଣ କରିଥିଲେ ।

**କେନ୍ଦ୍ରାପଡା:-** ୨୩.୧୧.୧୮ରେ କୁଶଗଡିସ୍ଥିତ ମଧୁସୂଦନ ବାରିକ ଓ ସ୍ନେହଲତା ବାରିକଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ବାନାମ୍ବର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "Only Mother none other" ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ପ୍ରମୋଦ କୁମାର ମହାନ୍ତି ଓ ପଦ୍ମଲୋଚନ ପୋଥାଳ ଅଂଶଗ୍ରହଣ କରିଥିଲେ । ... ୨୫.୧୧.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନରିଲୋଠାରେ କେନ୍ଦ୍ରାପଡା ୟୁନିଟ୍‌ର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ମଳୟ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୟନା ବେହେରା, ଅଞ୍ଜନା ପ୍ରଧାନ ଓ ଉର୍ମିଳା ରାଉତ "ଆତ୍ମାର ଆହ୍ୱାନ ଏବଂ ଆତ୍ମାର ଜାଗୃତି" ସମ୍ପର୍କରେ ଆଲୋଚନା କରିଥିଲେ ।... ୯.୧୨.୧୮ରେ ଆୟତପୁରସ୍ଥିତ ନରହରି ସାମନ୍ତରାୟଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଅତିମାନସ ଶକ୍ତିର ଅବତରଣ" ସମ୍ପର୍କରେ ସନ୍ତୋଷ କୁମାର ନାୟକ ଓ ପିତାମ୍ବର ମଲ୍ଲ ଆଲୋଚନା କରିଥିଲେ ।... ୧୨.୧୨.୧୮ରେ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ର, ଜଜାଙ୍ଗର ୬ଷ୍ଠ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଜୀବନରେ ଶ୍ରୀଅରବିନ୍ଦ ପାଠଚକ୍ର" ସମ୍ପର୍କରେ ଉର୍ମିଳା ରାଉତ, ଚିତ୍ତରଞ୍ଜନ ଦାଶ, ଧନେଶ୍ୱର ପ୍ରଧାନ ଓ ପ୍ରସାଦ ତ୍ରିପାଠୀ ଆଲୋଚନା କରିଥିଲେ ।... ୧୫.୧୨.୧୮ରେ ଖଡିଅଙ୍ଗସ୍ଥିତ ଧନେଶ୍ୱର ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୩ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଜଡସ୍ତରରେ ସାଧନା" ସମ୍ପର୍କରେ ଯଦୁନନ୍ଦନ ସାମଲ, "ଶ୍ରୀଅରବିନ୍ଦଙ୍କ ଧରାବତାରଣର ରହସ୍ୟ" ସମ୍ପର୍କରେ ଶ୍ରୀପତି ନାୟକ ଓ ବିଜୟ ଭୂଷଣ ପତି ଆଲୋଚନା କରିଥିଲେ ।... ୧୬.୧୨.୧୮ରେ ହୁରାସାହିସ୍ଥିତ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଗୋଲୋଖ ବିହାରୀ ଖୁଣ୍ଟିଆଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛ ।... ୩୦.୧୨.୧୮ରେ ଶ୍ରୀମୀରା ଆଶ୍ରମ ଗୁଆଳସିଂଠାରେ ମଳୟ କୁମାର ଜେନାଙ୍କ ପରିଚାଳନାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ନିଜ ଶରୀରର ଏକ ଅନୁଭୂତି" ସମ୍ପର୍କରେ ନୟନା ବେହେରା, ଅଞ୍ଜନା ପ୍ରଧାନ ଓ ଉର୍ମିଳା ରାଉତ ଆଲୋଚନା କରିଥିଲେ ।

### କୃପା ମଣ୍ଡଳ

**ଢ଼େଙ୍କାନାଳ:-** ୯.୧୧.୧୮ରେ ଭାଗିରଥି

ବିହାରସ୍ଥିତ ଲକ୍ଷ୍ମୀଧର ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ସୁଲୋଚନା ସାହୁ "ମା' ପୁସ୍ତକର ୬ଷ୍ଠ ଆଧ୍ୟାୟରୁ ଆଲୋଚନା କରିଥିଲେ।... ୧୦.୧୧.୧୮ରେ ରାଧାକୃଷ୍ଣ ବଜାରସ୍ଥିତ କୃଷ୍ଣ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆଞ୍ଚଳିକ ମାସିକ ଅଧିବେଶନରେ ସୁଲୋଚନା ସାହୁ "ମହାସରସ୍ୱତୀ ବିଭାବ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୪.୧୧.୧୮ରେ ମାତୃପୁରୀ କାଣ୍ଡବିନ୍ଧାଠାରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସର ୨ୟ ବାର୍ଷିକୋତ୍ସବରେ ସୁବାସ କର "ବିଶ୍ୱାସ" ଓ ଅଜୟ ପଲେଇ "ଚିନ୍ତନ ଓ ସ୍ନାୟବିକ ଶରୀର" ସମ୍ପର୍କରେ ଆଲୋଚନା କରିଥିଲେ।... ୨୪.୧୧.୧୮ରେ ମହିଷାପାଟଠାରେ ଶ୍ରୀଅରବିନ୍ଦ ପାଠଚକ୍ରରେ ସୁବାସ କର "ମନରୁ ଅଧିମାନସ" ଓ ଅଜୟ ପଲେଇ "ସିଦ୍ଧି ଦିବସ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୪.୧୧.୧୮ରେ ଖଜୁରୀଆକଟାସ୍ଥିତ ଚୈତନ୍ୟ ପ୍ରସାଦ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ସୁବାସ କର " ଅତିମାନସ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୪.୧୧.୧୮ରେ ଗଦାଶିଳାସ୍ଥିତ ସୁଜାତା ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ତ୍ରୟୋଦଶ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଫକୀର ମୋହନ ରଥ, ଖଗେଶ୍ୱର ରାଉଳ, ବାବୁଲି ବିଶ୍ୱାସ ବେହେରା ଓ ରବିନାରାୟଣ ପଟ୍ଟନାୟକ ଆଲୋଚନା କରିଥିଲେ।... ୨୮.୧୧.୧୮ରେ ପ୍ୟାଲେସରୋଡସ୍ଥିତ ଶ୍ରୀଅରବିନ୍ଦ ଭବନଠାର ସୁବାସ କର "ସାବିତ୍ରୀ" କ୍ଲାସ କରିଥିଲେ।... ୩୦.୧୧.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରାକପାଟଣାଠାରେ ମାତୃକୃପା ପାଠଚକ୍ରର ଦଶମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇନ୍ଦ୍ରମଣୀ ନାୟକ "ଦିବ୍ୟକର୍ମ", ପରେଶ ପଟ୍ଟନାୟକ "ଜୀବନରେ କଳା ଓ ସଂସ୍କୃତି" ଓ ଅଜିତ କୁମାର ରାଣା "ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ।... ୨.୧୨.୧୮ରେ ଶ୍ରୀଅରବିନ୍ଦ ଭବନ, ପ୍ୟାଲେସରୋଡଠାରେ ଜିଲ୍ଲାସ୍ତରୀୟ ମାସିକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି।... ୯.୧୧.୧୮ରେ ହିନ୍ଦୋଳରୋଡସ୍ଥିତ ସୁବ୍ରତ ପୃଷ୍ଟିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୨ୟ ବାର୍ଷିକୋତ୍ସବରେ କୀର୍ତ୍ତନବିହାରୀ ବ୍ରହ୍ମ "ମା' ହିଁ ସବୁ" ସମ୍ପର୍କରେ ଆଲୋଚନା କରିଥିଲେ।... ଡିସେମ୍ବର ୪ ରୁ ୬ ପର୍ଯ୍ୟନ୍ତ ମାତୃକୁଟୀର, ବାରୁଆଁଠାରେ ଏକ ଅଧ୍ୟୟନ ଶିବିରରେ ମଧୁସୂଦନ ମହାପାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ "ଶ୍ରୀମା ଶ୍ରୀଅରବିନ୍ଦଙ୍କ ଜୀବନ କଥା", "ଆଶ୍ରମ ଓ ଅରୋଭିଲ", "ଗୁରୁଶିଷ୍ୟ", "ସାଧନାର ଲକ୍ଷ୍ୟ", "ମାତୃକର୍ମ ଓ କର୍ମୀ", "ଚୈତ୍ୟଶିକ୍ଷା", "ବିବର୍ତ୍ତନ", "ପୂର୍ଣ୍ଣଯୋଗ ଏବଂ ସମନ୍ୱୟ ଯୋଗ", "ଆନ୍ତର ଓ ବାହ୍ୟବିକାଶ", "ପୂର୍ଣ୍ଣଯୋଗ ଏବଂ ସମନ୍ୱୟ ଯୋଗ" ଓ "ବିବର୍ତ୍ତନ ଓ ରୂପାନ୍ତର ଯୋଗ" ସମ୍ପର୍କରେ

ଆଲୋଚନା କରିଥିଲେ।... ୮.୧୨.୧୮ରେ ରାଧାକୃଷ୍ଣ ବଜାରସ୍ଥିତ ମଦନମୋହନ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଲୋଚନା ସାହୁ ଅଂଶଗ୍ରହଣ କରି "ମା ପୁସ୍ତକର ୪ର୍ଥ ଅଧ୍ୟାୟ ଆଲୋଚନା କରିଥିଲେ।

### ଆସ୍ପୃହା ମଣ୍ଡଳ

**ଗଞ୍ଜାମ :-** ୧୬.୧୨.୧୮ରେ ଉସ୍ତାପଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶଶଧର ବେହେରା "ନାରୀର ସାଧନା", ରତ୍ନପ୍ରଭା ଦାସ "ଅତିମାନସ ଜଗତରେ ନାରୀର ଭୂମିକା", ଗୋବିନ୍ଦ ଚନ୍ଦ୍ର ଜେନା "ପିଲାଙ୍କୁ କିପରି ଗଢ଼ିବା", ମୃତ୍ୟୁଞ୍ଜୟ ଜେନା ଓ ପଦ୍ମଚରଣ "ଚେତନାର ପରିବର୍ତ୍ତନ" ଏବଂ ଗୀତାଞ୍ଜଳୀ ପ୍ରଧାନ ଓ ସରୋଜିନୀ ପ୍ରଧାନ "ମା' ବହିର ୩ୟ ଅଧ୍ୟାୟ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶଶୀ ସ୍ୱାଇଁ, ନଳିନୀ ସ୍ୱାଇଁ, ସନ୍ତୋଷ କୁମାର ବେହେରା, ସୁବାସ ଚନ୍ଦ୍ର ସାହୁ ସହଯୋଗ କରିଥିଲେ।... ୧୭.୧୨.୧୮ରେ ପୋଲସରାସ୍ଥିତ ସ୍ୱାଗତିକା ମହାପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୌଦାମିନୀ ସାହୁ "ଅହଂର ରୂପାନ୍ତର", ସନ୍ତୋଷ କୁମାର ବେହେରା "ମା ବହିର ୧ମ ଅଧ୍ୟାୟ", ସୁବାସ ଚନ୍ଦ୍ର ସାହୁ "ଅବଚେତନାର ରୂପାନ୍ତର" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଷ୍ଣୁପ୍ରିୟା ପାଣିଗ୍ରାହୀ ଓ ଶୁଭମ ପାଣିଗ୍ରାହୀ ସହଯୋଗ କରିଥିଲେ।... ୨୧.୧୨.୧୮ରେ ଚିରିକିପଡାସ୍ଥିତ ଶୁଭ୍ର ନାହାକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ କୁମାର ବେହେରା "ମା'ଙ୍କ ଉପରେ ଭରସା" ଓ ସୁବାସ ଚନ୍ଦ୍ର କର "ରୂପାନ୍ତର ଯୋଗରେ ସମର୍ପଣ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କାଳୁ ପୋଲାଇ ଅଂଶଗ୍ରହଣ କରିଥିଲେ।... ୨୩.୧୨.୧୮ରେ ବାଲିଘାଇସ୍ଥିତ ଟୁକୁନା ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ କୁମାର ବେହେରା "ନିମ୍ନ ପ୍ରକୃତିର ରୂପାନ୍ତର", ସରୋଜିନୀ ପ୍ରଧାନ "ମା'ଙ୍କ ପାଖରେ ସମର୍ପଣ", ନଳିନୀ ସ୍ୱାଇଁ "ମାଆଙ୍କ ଶିଶୁ ହେବା", ସୁବାସ ଚନ୍ଦ୍ର ସାହୁ "ସମର୍ପଣ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶଶୀ ସ୍ୱାଇଁ ସହଯୋଗ କରିଥିଲେ।... ୨୩.୧୨.୨୮ ହଂସପୁରସ୍ଥିତ ରଞ୍ଜନ ସେଠୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍.ବିକାଶ ରେଡ୍ଡୀ "ମା'ଙ୍କ କରୁଣା ଓ ଅଭୟ" ଓ ସୁବାସ ଚନ୍ଦ୍ର ସାହୁ "ଶ୍ରୀଅରବିନ୍ଦଙ୍କ ଯୋଗରେ ସମର୍ପଣ" ଆଲୋଚନା କରିଥିଲେ।... ୩୧.୧୨.୧୮ରେ ବି.ନୂଆପଲ୍ଲୀ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାଗତିକା ମହାପାତ୍ର "ମା'ଙ୍କ ମାହେଶ୍ୱରୀ ସ୍ୱରୂପ", ବନିତା ସାହୁ "ସମର୍ପଣ ଓ

ବାଧାବିଘ୍ନ", ସୁଲତା ସାହୁ "ମା'ଙ୍କ ପିଲାଦିନର କାହାଣୀ", ନାରାୟଣ ପ୍ରଧାନ "ମା'ଙ୍କ ଠାରେ ଶିଶୁ ଭାବ" ଓ କୀର୍ତ୍ତନ ପ୍ରଧାନ "ଦିବ୍ୟପ୍ରେମ ହିଁ ଅହଂକୁ ରୂପାନ୍ତର କରିପାରେ। ଉକ୍ତ କାର୍ଯ୍ୟକ୍ରମରେ ମୀରା ସାହୁ, ବିଷ୍ଣୁପ୍ରିୟା ପାଣିଗ୍ରାହୀ ଓ ମାଳତୀ ପ୍ରଧାନ ଅଂଶଗ୍ରହଣ କରିଥିଲେ।

### ସଙ୍ଗତି ମଣ୍ଡଳ

**ବରଗଡ:-** ୧୦.୮.୧୮ରେ ମାତୃକ୍ଷେତ୍ର, ଭେଡେନଠାରେ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।... ୧୪.୧୨.୧୮ରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମାନବ ଜାତିର ପ୍ରେମିକ-ଶ୍ରୀଅରବିନ୍ଦ" ସମ୍ପର୍କରେ ରାଧାକାନ୍ତ ମିଶ୍ର, ପ୍ରଫୁଲ୍ଲ କୁମାର ପଣ୍ଡା ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମରେନ୍ଦ୍ର କୁମାର ଲେଙ୍କା ଓ ଶ୍ରୀଧର ସାହୁ ଅଂଶଗ୍ରହଣ କରିଥିଲେ।... ୧୫.୧୨.୧୮ରେ ସାଧନାପୀଠ, ସୋହେଲାଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମାନବଜାତିର ପ୍ରେମିକ" ସମ୍ପର୍କରେ ରାଧାକାନ୍ତ ମିଶ୍ର ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପେନ୍ଦ୍ର ମହାପାତ୍ର, ଶ୍ରୀଧର ସାହୁ ଓ ପ୍ରଫୁଲ୍ଲ କୁମାର ପଣ୍ଡା ଅଂଶଗ୍ରହଣ କରିଥିଲେ।... ଡିସେମ୍ବର ୮ ଓ ୯ ଦୁଇଦିନ ଧରି ଶ୍ରୀଅରବିନ୍ଦ ପାଠଚକ୍ର ପରିଦର୍ଶନ କାର୍ଯ୍ୟକ୍ରମ ସମରେନ୍ଦ୍ର ଲେଙ୍କାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ପଣ୍ଡା, ଶ୍ରୀଧର ସାହୁ, ଶେଷଦେବ ସାହୁ, ଇଶ୍ୱର, ନିତ୍ୟାନନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ସମତା ମଣ୍ଡଳ

**ସୁନ୍ଦରଗଡ:-** ୧.୧୨.୧୮ରେ ଦିଆମୁଣ୍ଡାସ୍ଥିତ ଦେବକୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨.୧୨.୧୮ରେ ଟପରିଆ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି।... ୫.୧୨.୧୮ରେ ଦର୍ଲିପାଲି ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ୨୪ତମ ବାର୍ଷିକୋତ୍ସବରେ ସୁଦାମ ଚରଣ ପଟେଲ, ଗଣେଷ ମେହେରା ଓ ଦୀପମ୍ କୁମାର ପଟେଲ "ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ।... ୬.୧୨.୧୮ରେ ଦିଆମୁଣ୍ଡାଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ୫ମ ବାର୍ଷିକୋତ୍ସବରେ ସୁଦାମ ଚରଣ ପଟେଲ, ଆରତୀ ପଟେଲ ଅଂଶଗ୍ରହଣ କରିଥିଲେ।... ୧୧.୧୨.୧୮ରେ ଲଇକେରାଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ୫ମ ବାର୍ଷିକୋତ୍ସବରେ ସୁଦାମ ଚରଣ ପଟେଲ ଅଂଶଗ୍ରହଣ କରିଥିଲେ।... ୧୨.୧୨.୧୮ରେ ଅଲଙ୍ଗପାଣୀ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୩ତମ ବାର୍ଷିକୋତ୍ସବରେ ଗଙ୍ଗାଧର କିଶନ, ସୁଦାମ ଚରଣ ପଟେଲ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୨.୧୨.୧୮ରେ ବଡ଼ପଡ଼ା ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ୬ଷ୍ଠ ବାର୍ଷିକୋତ୍ସବରେ ସୁଦାମ ଚରଣ ପଟେଲ "ଶିଶୁ ପାଠଚକ୍ରର

ଆବଶ୍ୟକତା” ସମ୍ପର୍କରେ ଆଲୋଚନା କରିଥିଲେ।... ୨୫.୧୨.୧୮ରେ ବଡ଼ ଖଲିଆସ୍ଥିତ ମୀନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୨ତମ ବାର୍ଷିକୋତ୍ସବ ପାଳନ ଅବସରରେ ସୁଦାମ ଚରଣ ପଟେଲ “ଆଦର୍ଶ ମାତାପିତା” ସମ୍ପର୍କରେ ଆଲୋଚନା କରିଥିଲେ।... ୨୬.୧୨.୧୮ରେ ପୀଠାଭୂଇଁ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ୪ର୍ଥ ବାର୍ଷିକୋତ୍ସବ ପାଳନ ଅବସରରେ ସୁଦାମ ଚରଣ ପଟେଲ “କିଏ ଏଇ ମା ଏବଂ ପ୍ରଭୁ ଶ୍ରୀଅରବିନ୍ଦ” ସମ୍ପର୍କରେ ଆଲୋଚନା କରିଥିଲେ।... ୩୧.୧୨.୧୮ରେ ମଙ୍ଗସପୁର ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ୩୯ତମ ବାର୍ଷିକୋତ୍ସବରେ ବୁଦ୍ଧଦେବ ପଟେଲ ଏବଂ ସୁଦାମ ଚରଣ ପଟେଲ “ସଙ୍ଗଠନ” ସମ୍ପର୍କରେ ଆଲୋଚନା କରିଥିଲେ।... ଡିସେମ୍ବର ୫ ଓ ୯ ତାରିଖରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଦିଆମୁଣ୍ଡାଠାରେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଓ ମହାସମାଧି ଦିବସ ପାଳିତ ହୋଇଯାଇଛି। ଏଥିରେ ଶ୍ରୀରାମ ପଟେଲ, ଆରତୀ ପଟେଲ, ହେମନ୍ତ ପଟେଲ ଅଂଶଗ୍ରହଣ କରିଥିଲେ।... ଡିସେମ୍ବର ୮ ଓ ୯ ଦୁଇଦିନଧରି ଯୋଗ ମନ୍ଦିର, ରାଉରକେଲାଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ଡିସେମ୍ବର ୧୯ ରୁ ୨୧ ଦୁଇଦିନଧରି ବିରମିତ୍ରପୁରଠାରେ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।... ୨୩.୧୨.୧୮ରେ ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର, ପତ୍ରପାଲିଠାରେ ସାହିତ୍ୟ ପରିଷଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।... ଡିସେମ୍ବର ୨୮ ଓ ୨୯ ଦୁଇଦିନଧରି ବର୍ଦ୍ଧନକେଲାଠାରେ ଜିଲ୍ଲାସ୍ତରୀୟ ଯୁବଛାତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି।

**ନିଷ୍ଠା ମଣ୍ଡଳ**

**ନୟାଗଡ଼:-** ୧୭.୧୧.୧୮ରେ ରତନପୁରସ୍ଥିତ ଚକ୍ରପାଣି ସାହୁଙ୍କ ବାସଭବନରେ ଦିବ୍ୟଜନନୀ ଶ୍ରୀମାଙ୍କ ମହାପ୍ରୟାଣ ଦିବସ ତଥା ଶ୍ରୀଅରବିନ୍ଦ ପାଠଚକ୍ରର ୩୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ “ଅତିମାନସ ଚେତନା ଓ ନୂତନ ସୃଷ୍ଟି”, “ଧରା ପୃଷ୍ଠାରେ ଜଡ ଉପରେ ବିଜୟ ହାସଲ” ଓ “ଆତ୍ମାର ସାମ୍ରାଜ୍ୟ ପ୍ରତିଷ୍ଠା” ସମ୍ପର୍କରେ ସନାତନ ଲେଙ୍କା, ଚକ୍ରପାଣି ସାହୁ ଓ ସୁରେଶ ଚନ୍ଦ୍ର ବରାଡ ଅଂଶଗ୍ରହଣ କରିଥିଲେ।... ୨୪.୧୧.୧୮ରେ ପୁରୁଣାସହରସ୍ଥିତ ସୁକାନ୍ତ କୁମାର ପରିଡାଙ୍କ ବାସଭବନରେ ସିଦ୍ଧି ଦିବସ ପାଳିତ ହୋଇଯାଇଛି।... ୨୪.୧୧.୧୮ରେ ପୁରୁଣା ସହରସ୍ଥିତ ସୁକାନ୍ତ କୁମାର ପରିଡାଙ୍କ ବାସଭବନରେ ସିଦ୍ଧି ଦିବସ ପାଳିତ ହୋଇଯାଇଛି। ଏଥିରେ “ସିଦ୍ଧି ଦିବସର ମହତ୍ତ୍ୱ” ଓ “ମାନବୀୟ ଜୀବନର ଚୂଡାନ୍ତ ଲକ୍ଷ୍ୟ” ସମ୍ପର୍କରେ ଚକ୍ରପାଣି ସାହୁ ଓ ସୁରେଶ ଚନ୍ଦ୍ର ବରାଡ ଆଲୋଚନା କରିଥିଲେ।

**ଖୋର୍ଦ୍ଧା:-** ୭.୧୨.୧୮ରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ସୁକାନ୍ତ କୁମାର ଜେନା ଓ ବିଭୂତି ସେଠୀ “ବର୍ତ୍ତମାନର ସମସ୍ୟା” ସମ୍ପର୍କରେ ଆଲୋଚନା କରିଥିଲେ।

**ପୁରୀ:-** ୫.୧୨.୧୮ରେ ଶ୍ରୀଅରବିନ୍ଦ

ଆଶ୍ରମ, ପିପିଲିଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ" ସମ୍ପର୍କରେ ସୁକାନ୍ତ କୁମାର ଜେନା, ବିଭୂତି ସେଠୀ ଓ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଆଲୋଚନା କରିଥିଲେ।... ୬.୧୨.୧୮ରେ ସାନ ମୁନିନ୍ଦାସ୍ଥିତ ସୁକନ୍ୟା ନାୟକଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକାନ୍ତ କୁମାର ଜେନା, ବିଭୂତି ସେଠୀ ଓ ଗଙ୍ଗାଧର ମହାପାତ୍ର ଅଂଶଗ୍ରହଣ କରିଥିଲେ।... ୬.୧୨.୧୮ରେ ଆଙ୍କୋଇସ୍ଥିତ ସାଗରିକା ମଙ୍ଗରାଜଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ଗଙ୍ଗାଧର ମହାପାତ୍ର, ସୁକାନ୍ତ ଜେନା ଓ ବିଭୂତି ସେଠୀ ଅଂଶଗ୍ରହଣ କରିଥିଲେ।... ୮.୧୨.୧୮ରେ ବାଁରୋଇଠାରେ ଯୁବଛାତ୍ର ଶିବିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।... ୯.୧୨.୧୮ରେ ଅମୁଣିହାଁ ପାଟଣାସ୍ଥିତ ବିଶ୍ୱମ୍ଭର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୬ଷ୍ଠ ବାର୍ଷିକୋତ୍ସବରେ "ଆଧ୍ୟାତ୍ମିକତାରେ ଆଇନ ସେବା" ଓ "ଚୈତ୍ୟ ଶିକ୍ଷା ଓ ଆଧ୍ୟାତ୍ମିକ ଶିକ୍ଷା" ସମ୍ପର୍କରେ ସୁରଥ ସ୍ୱାଇଁ, ଗଙ୍ଗାଧର ମହାପାତ୍ର, ରାଜେନ୍ଦ୍ର ମହାନ୍ତି, ବିଭୂତି ସେଠୀ, ସୁନ୍ଦର ନାରାୟଣ ନନ୍ଦ ଓ ସରୋଜ ପଟ୍ଟନାୟକ ଅଂଶଗ୍ରହଣ କରିଥିଲେ।... ୧୩.୧୨.୧୮ରେ ସୁନାପଡାଠାରେ ଗୋବିନ୍ଦ ପ୍ରଧାନଙ୍କ ସହାୟତାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକାନ୍ତ କୁମାର ଜେନା ଓ ବିଭୂତି ସେଠୀ ଅଂଶଗ୍ରହଣ କରିଥିଲେ।... ୧୫.୧୨.୧୮ରେ ସଁପୁରସ୍ଥିତ ପ୍ରଭାକର ପାତ୍ର ଓ ନୂଆଶାସନସ୍ଥିତ ଗୋବିନ୍ଦଚନ୍ଦ୍ର ସାହୁଙ୍କ ବାସଭବନରେ ନୂତନ କରି ଶ୍ରୀଅରବିନ୍ଦ ପାଠଚକ୍ର ଗୋବିନ୍ଦ ମହାପାତ୍ରଙ୍କ ସହାୟତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକାନ୍ତ କୁମାର ଜେନା ଓ ବିଭୂତି ସେଠୀ ଅଂଶଗ୍ରହଣ କରିଥିଲେ।... ୧୬.୧୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶେଉଳସାହିଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମିନତି ସେନାପତି, ଲକ୍ଷ୍ମୀପ୍ରିୟା ପ୍ରଧାନ, ଭାଗ୍ୟକୃଷ୍ଣା ପାତ୍ର, ଗଙ୍ଗୋତ୍ରୀ ପାତ୍ର, ସସ୍ମିତା ବସ୍ତିଆ, ସୁକାନ୍ତ କୁମାର ଜେନା ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁରଥ ସ୍ୱାଇଁ, ବିଶ୍ୱମ୍ଭର ସାହୁ ଓ ବିଭୂତି ସେଠୀ ସହଯୋଗ କରିଥିଲେ।... ୧୯.୧୨.୧୮ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରାଜତେଇଠାରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "କ୍ରୀଡାର ଆବଶ୍ୟକତା" ସମ୍ପର୍କରେ ସୁକାନ୍ତ କୁମାର ଜେନା ଓ ବିଭୁତି ସେଠୀ ଆଲୋଚନା କରିଥିଲେ।... ୨୦.୧୨.୧୮ରେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ପିପିଲିଠାରେ ଶ୍ରୀଅରବିନ୍ଦ ଯୁବଛାତ୍ର ସମାଜ ଅନୁଷ୍ଠିତ ହୋଇଯାଇଛି।... ୨୨.୧୨.୧୮ରେ ପୂର୍ବ ଶାସନଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ବାର୍ଷିକୋତ୍ସବରେ "ଶାରୀରିକ ଶିକ୍ଷା" ସମ୍ପର୍କରେ ସୁକାନ୍ତ କୁମାର ଜେନା ଓ ବିଭୁତି

ସେଠୀ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଗଙ୍ଗୋତ୍ରୀ ପାତ୍ର, ରାଧାକାନ୍ତ ଜେନା ଓ ଅନିରୁଦ୍ଧ ପାତ୍ର ଅଂଶଗ୍ରହଣ କରିଥିଲେ। ... ୨୩.୧୨.୧୮ରେ ତଲଉଶାସନଠାରେ ଚଞ୍ଚଳା ବେହେରାଙ୍କ ସହାୟତାରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକାନ୍ତ କୁମାର ଜେନା ଓ ବିଭୁତି ସେଠୀ ଅଂଶଗ୍ରହଣ କରିଥିଲେ।... ୨୪.୧୨.୧୮ରେ ଡେଲାଙ୍ଗ ସ୍ଥିତ ବାମନ ସୁନ୍ଦରାୟଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ସୁକାନ୍ତ କୁମାର ଜେନାଙ୍କ ସଞ୍ଜୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁରଥ ସାଇଁ, ବିଶ୍ୱମ୍ଭର ସାହୁ, ରବୀନ୍ଦ୍ର ମହାନ୍ତି, ପଠାଣି ପ୍ରଧାନ ଓ ବିଭୁତି ସେଠୀ ଅଂଶଗ୍ରହଣ କରିଥିଲେ।... ୨୫.୧୨.୧୮ରେ ଶ୍ରୀଅରବିନ୍ଦ ଧାମ, ପୁରୀଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶାରୀରିକ ଶିକ୍ଷା" ସମ୍ପର୍କରେ ଜନ୍ମେଜୟ ଦ୍ୱିବେଦୀ ଓ ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୀତା ପାଢ଼ୀ, ଗଙ୍ଗୋତ୍ରୀ ପାତ୍ର, ଗଙ୍ଗାଧର ମହାପାତ୍ର ପ୍ରଭୃତି ସହଯୋଗ କରିଥିଲେ।... ଡିସେମ୍ବର ୨୬ ରୁ ୨୮ ପର୍ଯ୍ୟନ୍ତ ବାଁରେଇଠାରେ ଶ୍ରୀଅରବିନ୍ଦ ଯୁବଛାତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ " ଆଦର୍ଶ ଶିଶୁ", "ଶ୍ରୀଅରବିନ୍ଦଙ୍କ ପାଞ୍ଚୋଟି ସ୍ୱପ୍ନ", "ତିନୋଟି ପାଗଳାମି" ଓ "ମା' ବହିର ପଞ୍ଚମ ଅଧ୍ୟାୟ" ସମ୍ପର୍କରେ ଆଲୋଚନା କରାଯାଇଥିଲା। ସନ୍ଧ୍ୟା ମହାନ୍ତି, କପିଳେନ୍ଦ୍ର ମିଶ୍ର, ନିଶିଥ ରାଉତ, ପଦ୍ମଲୋଚନ ପୋଥାଳ, ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭୁତି ସେଠୀ ଓ ସୁଶାନ୍ତ ମହାନ୍ତି ତଥା ସଙ୍ଗଠକ ଭାଇମାନେ ସହଯୋଗ କରିଥିଲେ।

**ଆସ୍କା ମଣ୍ଡଳ**

ଡିସେମ୍ବର ୨୫ ରୁ ୨୭ ପର୍ଯ୍ୟନ୍ତ ଆସ୍କାଜୋନର ଆଲୋକ ସେନା ଶିବିର ରଘୁନାଥପୁର, ସୋରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "କେବଳ ଭଗବାନ ହିଁ ଆମର ଲକ୍ଷ୍ୟ", "ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ ଓ ଆମର ପ୍ରସ୍ତୁତି", "ନୀରବ ରୁହ", "ଆଧ୍ୟାତ୍ମିକ ପଥ" ସମ୍ପର୍କରେ ପ୍ରଭାତ କୁମାର ନାୟକ, ଦୟାନିଧି ପାତ୍ର, ସତ୍ୟାନନ୍ଦ ବାରିକ ଓ ଜଗନ୍ନାଥ ପୃଷ୍ଟି ଆଲୋଚନା କରିଥିଲେ।

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଙ୍କଳନ

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ ଆସନ୍ତା ୩୦ ଏପ୍ରିଲ ୨୦୨୨ ରୁ ୩୦ ଏପ୍ରିଲ ୨୦୨୩ ପର୍ଯ୍ୟନ୍ତ ପାଳନ କରାଯିବ। ଏହା ପୂର୍ବରୁ ତାଙ୍କ ରଚନାର ଏକ ସଙ୍କଳନ ପ୍ରକାଶ ପାଇବା ନିମନ୍ତେ ଚେଷ୍ଟା କରାଯାଉଛି। ଏହି ଉପଲକ୍ଷ୍ୟେ ଓଡ଼ିଶାର ସମସ୍ତ ଭାଇଭଉଣୀଙ୍କୁ ଅନୁରୋଧ ଶ୍ରୀ ପ୍ରପତ୍ତିଙ୍କ ଚିଠି ଏବଂ ଫଟୋ ଯଦି କାହା ନିକଟରେ ଥାଏ, ତେବେ ଚିଠିର ଜେରକ୍ସ ଏବଂ ଫଟୋକୁ ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ-୭୫୩୦୧୩ ଠିକଣାରେ ପଠାଇବେ।

## ଗତ ଡିସେମ୍ବର ୨୫ ତାରିଖ ଦିନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୋପୀନାଥପୁର, କଟକଠାରେ ଅନୁଷ୍ଠିତ ହୋଇଥିବା ନବଜୀବନ ଶିକ୍ଷା ସଂସଦର ପରିଚାଳନା ସମିତି ବୈଠକର ବିବରଣୀ

୨୫ ଡିସେମ୍ବର ୨୦୧୮ ଦିନ ୧୧ଟା ବେଳେ ନବଜୀବନ ଶିକ୍ଷା ସଂସଦର କାର୍ଯ୍ୟକାରୀ ସମିତିର ବୈଠକ କଟକ ଜିଲ୍ଲା ଗୋପୀନାଥପୁର ଗ୍ରାମସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଥିଲା। ସଂସଦର ସଭାପତି ଏବଂ ଉଭୟ ଉପସଭାପତିଙ୍କ ଅନୁପସ୍ଥିତିରେ ସମ୍ପାଦକ ପ୍ରସାଦ ତ୍ରିପାଠୀଙ୍କ ଅନୁରୋଧକ୍ରମେ ଗୋପୀନାଥପୁର ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ଶ୍ରୀ ବୀରବର ସାହୁ ସଭାପତିତ୍ୱ କରିଥିଲେ।

ମାତୃସଙ୍ଗୀତ ସହ ଧ୍ୟାନ ସଭାକାର୍ଯ୍ୟ ଆରମ୍ଭ କରାଗଲା। ଗୋପୀନାଥପୁର ସ୍କୁଲର କର୍ମକର୍ତ୍ତାମାନଙ୍କ ଅନୁରୋଧକ୍ରମେ ନବଜୀବନ ଶିକ୍ଷାସଂସଦର ସମ୍ପାଦକ ପ୍ରସାଦ ତ୍ରିପାଠୀ ଗୋପୀନାଥପୁର ଶିକ୍ଷାକେନ୍ଦ୍ରର ନବନିର୍ମିତ କମ୍ପ୍ୟୁଟର ଗୃହକୁ ସମସ୍ତଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ।

ଏହାପରେ ସ୍କୁଲର ଅଧ୍ୟକ୍ଷା ମୈତ୍ରୀ ଅପା ସମସ୍ତଙ୍କୁ ସ୍ୱାଗତ କରିଥିଲେ।

ସଭା ଆରମ୍ଭରେ ସମ୍ପାଦକ ପ୍ରସାଦ ତ୍ରିପାଠୀ ଗୋପୀନାଥପୁର ଶିକ୍ଷାକେନ୍ଦ୍ରର ସ୍ୱତନ୍ତ୍ର ଆକର୍ଷଣ ସମ୍ପର୍କରେ ସୂଚନା ଦେଇଥିଲେ। ପୂଜ୍ୟ ପ୍ରପତ୍ତିଙ୍କ ପରାମର୍ଶକୁ ସ୍ମରଣ କରି ସେ କହିଥିଲେ ପୂଜ୍ୟ ପ୍ରପତ୍ତି ଏକଦା ତାଙ୍କୁ ପରାମର୍ଶ ଦେଇଥିଲେ ଯେ ଓଡ଼ିଶାକୁ ଯିଏବି ମାତୃଭକ୍ତ ବାହାରୁ ଆସିବେ, ତାଙ୍କୁ ନିଶ୍ଚୟ ଗୋପୀନାଥପୁରକୁ ନେବ। ଏହାକୁ ନିର୍ଦ୍ଦେଶ ଭାବରେ ଗ୍ରହଣ କରି ଏପର୍ଯ୍ୟନ୍ତ ମଧ୍ୟ ସେ ତାହା କରିଚାଲିଛନ୍ତି। ମା'ଙ୍କ କୃପାରୁ ଅନେକଦିନ ପରେ ଟ୍ରଷ୍ଟର ପରିଚାଳନା ସମିତିର ବୈଠକ ସେଠାରେ ଅନୁଷ୍ଠିତ ହେଉଅଛି ଏବଂ ଗୋପୀନାଥପୁର ତା'ର ସେ ଗୌରବ ଚିରଦିନପାଇଁ ବଜାୟ ରଖିବ ବୋଲି ସେ ଆଶାପୋଷଣ କରିଥିଲେ।

ଏହାପରେ ଗତ ପରିଚାଳନା ସମିତି ସଭାଠାରୁ ଏପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ଥାନରେ ଶରୀର ତ୍ୟାଗ କରିଥିବା ନିମ୍ନଲିଖିତ ମାତୃସନ୍ତାନମାନଙ୍କ ମହାନ୍ ଆତ୍ମା ପ୍ରତି କୃତଜ୍ଞତା ଜଣାଇ ଗୋଟିଏ ମିନିଟ ପ୍ରାର୍ଥନା କରାଯାଇଥିଲା।

୧. ଲଳିତମୋହନ ପଟ୍ଟନାୟକ- ନବରଙ୍ଗପୁର ୨. ରୀନା ନାୟକ- ନବରଙ୍ଗପୁର
୩. ନିରଞ୍ଜନ ନାୟକ - ନବରଙ୍ଗପୁର ୪.ପୂର୍ଣ୍ଣଚନ୍ଦ୍ର ପାତ୍ର- ଜୟପୁର, କୋରାପୁଟ
୫. ମଦନ ମୋହନ ସାହୁ- ଢ଼େଙ୍କାନାଳ୬.ଜୟନାରାୟଣ ପାଣିଗ୍ରାହୀ- ଦହମୁଣ୍ଡା-ବାଲେଶ୍ୱର୭.କୃଷ୍ଣଚନ୍ଦ୍ର ରଥ- ଛତ୍ରପୁର, ଗଞ୍ଜାମ ୮. ବୈରାଗୀପାଲ ଶର୍ମା - କଇରାସୀ, ଗଞ୍ଜାମ ୯.ବଂଶୀଧର ସାହୁ- ଇଟାମାଟି-ନୟାଗଡ଼ ୧୦.ପୂର୍ଣ୍ଣଚନ୍ଦ୍ର ସାହୁ- କଟକ

ଏକଥା ସ୍ମରଣ କରାଯାଇପାରେ ଯେ ସମର୍ପଣ ଜୋନ୍ ସଙ୍ଗଠକ ଶ୍ରୀ ଲଳିତ ମୋହନ ପଟ୍ଟନାୟକ, ରୀନା ନାୟକ ଏବଂ ନିରଞ୍ଜନ ନାୟକ ଏକ ପାଠଚକ୍ର କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ଯାଉଥିବା ସମୟରେ ଉମରକୋଟ ନିକଟରେ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଏହା ଏକ ମର୍ମନ୍ତୁଦ ଦୁର୍ଘଟଣା।

ଏହାପରେ ଗତ ୨୪.୦୬.୨୦୧୮ ଦିନ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ନବଜୀବନ ଶିକ୍ଷାସଂସଦର ପରିଚାଳନା ସମିତି ବୈଠକର ବିବରଣୀ ପାଠ କରାଯାଇ ଆଲୋଚନା କରାଯାଇଥିଲା ଏବଂ ଗୃହୀତ ହୋଇଥିଲା।

କ) : NOC/COR: ଲାଗୁଛି ବର୍ତ୍ତମାନ ଏହା ସବୁଠାରୁ ବଡ଼ ସମସ୍ୟା। ଦେଖାଯାଉଛି ଆମରି ସ୍କୁଲ ମଧ୍ୟରୁ ଅନେକ ଆବଶ୍ୟକତା ପୂରଣ ନ କରି ମଧ୍ୟ କେତେକ ସ୍କୁଲ COR ପାଇସାରିଛନ୍ତି ଆଉ କେତେକ ସମସ୍ତ ଆବଶ୍ୟକତା ପୂରଣ କରି ମଧ୍ୟ ତଥାପି ପାଇନାହାନ୍ତି। ବର୍ତ୍ତମାନ ପ୍ରତ୍ୟେକ CRCC ମାନଙ୍କୁ ପ୍ରତ୍ୟେକ ସ୍କୁଲ ବୁଲି ସେମାନେ COR ପାଇଁ ଦରଖାସ୍ତ କରିଛନ୍ତି କି ନାହିଁ ଯଦି କରିଛନ୍ତି ତେବେ ସେମାନଙ୍କର ଚିଠି ନଂ ଏବଂ ତାରିଖ ସଂଗ୍ରହ କରିବାପାଇଁ ଦାୟିତ୍ୱ ନେଇଛନ୍ତି। ତେଣୁ ଯେଉଁ ସ୍କୁଲମାନେ ସମସ୍ତେ ଆବଶ୍ୟକତା ପୂରଣ କରିଛନ୍ତି, ଦରଖାସ୍ତ କରିଛନ୍ତି, ସେମାନଙ୍କୁ ବ୍ୟସ୍ତ ନହୋଇ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ଅନୁରୋଧ।

ଖ) ଶ୍ରୀ ଅପର୍ତ୍ତି ଚରଣ ଦାଶ, ସଂସଦର କୋଷାଧକ୍ଷ କେତେଗୁଡ଼ିଏ ଜିଲ୍ଲା ବୁଲିକରି Accounts ସମ୍ପର୍କରେ ଟ୍ରେନିଂ ଦେଇଛନ୍ତି। ଅବଶିଷ୍ଟ ଜିଲ୍ଲାମାନଙ୍କରେ ଟ୍ରେନିଂ ଦେବାପାଇଁ ବ୍ୟବସ୍ଥା କରାଯାଇଛି। ଏବେ ଟ୍ରେନିଂ ପାଇଥିବା ସ୍କୁଲମାନେ ତାକୁ ପ୍ରକୃତରେ ବ୍ୟବହାର କରୁଛନ୍ତି କି ନାହିଁ ସେଥିପାଇଁ ଦୃଷ୍ଟିଦେବା ଆବଶ୍ୟକ।

ଗ) **SFA :** ଏହି ସଂକ୍ରାନ୍ତରେ SFA ପାଉଥିବା ସ୍କୁଲମାନଙ୍କ ମଧ୍ୟରୁ କେବଳ ବଲାଙ୍ଗୀର ସ୍କୁଲ ବ୍ୟତୀତ ଅନ୍ୟ ସମସ୍ତ ସ୍କୁଲକୁ ତାଙ୍କର ପ୍ରାପ୍ୟ ପଠାଯାଇ ସାରିଛି।

ଘ) **କାର୍ଯ୍ୟଶାଳା:** ପ୍ରଥମ ଏବଂ ଦ୍ୱିତୀୟ ଷ୍ଟାଣ୍ଡାର୍ଡ଼ର Integrated ବହିର ପ୍ରଚଳନ ନିମନ୍ତେ ସେଇ ଶ୍ରେଣୀମାନଙ୍କରେ ପଢ଼ାଉଥିବା ଅପାଭାଇମାନଙ୍କର କାର୍ଯ୍ୟଶାଳା ବିଭିନ୍ନ ଜୋନ୍‌ରେ ହୋଇଅଛି। ଯେଉଁ ଜୋନ୍ ମାନଙ୍କରେ ହୋଇନାହିଁ ସେ ଜୋନ୍‌ଗୁଡ଼ିକରେ ତୁରନ୍ତ ଏଇ କାର୍ଯ୍ୟଶାଳା କରିବାପାଇଁ ଜୋନ୍ ଏବଂ ଟ୍ରଷ୍ଟ ସଙ୍ଗଠକମାନଙ୍କୁ ଅନୁରୋଧ କରାଗଲା। ଏହା ପରେ ପ୍ରତ୍ୟେକ ସ୍କୁଲମାନଙ୍କରେ ଏହା କରାଯାଉଛି କି ନାହିଁ ତାହା ତଦାରଖ କରିବାପାଇଁ ସମସ୍ତଙ୍କୁ ଅନୁରୋଧ କରାଗଲା। ଏ ସମ୍ପର୍କରେ ସନ୍ଦେହ ଥିଲେ ଢ଼େଙ୍କାନାଳ ସ୍କୁଲର କୁଲୁଅପାଙ୍କୁ ସହିତ (୯୦୪୦୭୭୭୧୮୬) ଯୋଗାଯୋଗ କରିବାକୁ ଅନୁରୋଧ। ନର୍ସରୀ ଏବଂ କେ.ଜି. ଶ୍ରେଣୀର Teacher's Handbook ପ୍ରସ୍ତୁତି ମଧ୍ୟ ଚାଲିଛି। ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ଏହା ମିଳିଯିବାର ସମ୍ଭାବନା ଅଛି। ପ୍ରତ୍ୟେକ ଜିଲ୍ଲାରେ ଥିବା ଶିକ୍ଷା ସଂଯୋଜକମାନେ ନିଜ ନିଜ ଜିଲ୍ଲାର ଜିଲ୍ଲା ସଙ୍ଗଠକ ଏବଂ ଟ୍ରଷ୍ଟ ସଙ୍ଗଠକମାନଙ୍କ ସହିତ ପରାମର୍ଶ କରି ନିଜନିଜ ଜିଲ୍ଲାରେ ମଧ୍ୟ ଏହି କାର୍ଯ୍ୟଶାଳା କରାଇବାକୁ ଅନୁରୋଧ।

ଙ) ଆସନ୍ତା ଶିକ୍ଷାବର୍ଷ ପାଇଁ ତୃତୀୟ ଶ୍ରେଣୀର Integrated Bookର ପ୍ରସ୍ତୁତି ଖୁବ୍ ଗୁରୁତ୍ୱର ସହିତ ଚାଲୁଅଛି।

ଚ) ପ୍ରଥମ ଏବଂ ଦ୍ୱିତୀୟ ଷ୍ଟାଣ୍ଡାର୍ଡ଼ର ପୁସ୍ତକଗୁଡ଼ିକର ସଂଶୋଧନ ଦାୟିତ୍ୱ ଭାଗୀଭାଇଙ୍କୁ ନ୍ୟସ୍ତ କରାଗଲା।

ଛ) ପାଠ୍ୟପୁସ୍ତକରେ ବ୍ୟବହୃତ ହେଉଥିବା କାଗଜର ମୂଲ୍ୟ ଏହା ମଧ୍ୟରେ ଅନେକ ବୃଦ୍ଧିପ୍ରାପ୍ତ ହୋଇଥିବାରୁ ଟ୍ରଷ୍ଟ ପ୍ରକାଶିତ ପାଠ୍ୟପୁସ୍ତକର ମୂଲ୍ୟ ସାମାନ୍ୟ ବୃଦ୍ଧି ପାଇବ ବୋଲି ସମ୍ପାଦକ ସୂଚନା ଦେଲେ।

ଜ) ପୂର୍ଣ୍ଣତା ପଥେ ସମ୍ପର୍କରେ ବିଷଦ ଆଲୋଚନା ହେଲାପରେ ପୂର୍ବ ବୈଠକରେ ସିଦ୍ଧାନ୍ତ ହେଇଥିବା ଗୋଟିଏ ବାର୍ଷିକ ସଂଖ୍ୟା ଆସନ୍ତା ଏପ୍ରିଲ ମାସରେ ପ୍ରକାଶ କରିବା ପାଇଁ ସ୍ଥିର ହେଲା। ସେଥିପାଇଁ ଭିନ୍ନ ଭିନ୍ନ ଶିକ୍ଷାକେନ୍ଦ୍ର ମାନେ ଯେକୌଣସି ବିଷୟରେ ପରୀକ୍ଷା ନିରୀକ୍ଷା କରୁଥିବା ଘଟଣାକୁ ଲିପିବଦ୍ଧ କରି ଫେବୃୟାରୀ ମାସ ସୁଦ୍ଧା ଟ୍ରଷ୍ଟକୁ ପଠାଇବାକୁ ଅନୁରୋଧ କରାଗଲା।

ଝ) ଗତ ଶିକ୍ଷକ ସମ୍ମିଳନୀ ସମୟରେ ୪୦ବର୍ଷରୁ ଅଧିକ ଅଭିଜ୍ଞ ଶିକ୍ଷକମାନଙ୍କର ଗୋଟିଏ ଦିନିକିଆ ସମ୍ମିଳନୀ କରିବା ସିଦ୍ଧାନ୍ତ ନିଆଯାଇଥିଲେ ମଧ୍ୟ ସେଇଭଳି ଖୁବ୍ ଅଳ୍ପ କେତେଜଣ ଶିକ୍ଷକ ଆସିଥିବାରୁ ଏଭଳି ଆଲୋଚନା ହୋଇପାରିନଥିଲା। ସେଥିପାଇଁ ଆସନ୍ତା ମାର୍ଚ୍ଚ ୧୫ ତାରିଖ ଶୁକ୍ରବାର ଦିନ କେବଳ ସେଇ ଅଭିଜ୍ଞ ଅପା/ଭାଇମାନଙ୍କର ଏକ ଆଲୋଚନା ସଭା ଖଣ୍ଡଗିରି ଶିକ୍ଷାକେନ୍ଦ୍ରରେ କରାଯିବାପାଇଁ ସ୍ଥିର କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେହିଦିନ ମାନଙ୍କରେ ସରକାରୀ ନୋଟିସ ଅନୁଯାୟୀ D.El.Ed. ପରୀକ୍ଷା ହେଉଥିବାରୁ କେବଳ ୧୬ ଓ ୧୭ ତାରିଖରେ ଅଧକ୍ଷ ସମ୍ପାଦକ ସମ୍ମିଳନୀ କରାଯିବ ଏବଂ ୧୫ ତାରିଖରେ ହେବାକୁ ଥିବା ଅଭିଜ୍ଞ ଅପା/ଭାଇ ମାନଙ୍କ ସମ୍ମିଳନୀ ପରବର୍ତ୍ତୀ କୌଣସି ଦିନକୁ ଘୁଞ୍ଚାଇ ଦିଆଗଲା। ଏଥିପାଇଁ ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ ଜଣାଇବାପାଇଁ ମଧ୍ୟ ସିଦ୍ଧାନ୍ତ କରାଗଲା। ଶ୍ରୀ ପବିତ୍ର ମୋହନ ବରାଳ ଏଇ ପ୍ରସ୍ତାବ ଆଲୋଚନାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ସେତେବେଳର ସଙ୍ଗଠକମାନଙ୍କର ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପର୍କରେ ଥିବା ସ୍ୱପ୍ନ ଏବଂ ବର୍ତ୍ତମାନର ଅବସ୍ଥାକୁ ନେଇ ଆଲୋଚନା କରାଯିବାପାଇଁ ସ୍ଥିର ହୋଇଥିବା କହିଥିଲେ। ଖଣ୍ଡଗିରି ସ୍କୁଲର ଶାନ୍ତିଅପା ମଧ୍ୟ ଏ ସମ୍ପର୍କରେ ନିଜର କିଛି ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

ଞ) ଉପସ୍ଥିତ ସଭ୍ୟମାନଙ୍କର ମତାମତ ଅନୁଯାୟୀ ନବଜୀବନ ଶିକ୍ଷା ସଂସଦର ସଭ୍ୟମାନଙ୍କ ମଧ୍ୟରେ ନିମ୍ନଲିଖିତ ପରିବର୍ତ୍ତନ କରାଗଲା।

୧) ମାଲକାନଗିରିର ଶ୍ରୀ ବସନ୍ତ ରଣାଙ୍କ ସ୍ଥାନରେ ଶ୍ରୀ ବିଜୟାନନ୍ଦ ଦାସ

୨) ଜିଲ୍ଲା ସଙ୍ଗଠକ ଭାବରେ କେନ୍ଦୁଝର ଜିଲ୍ଲାରେ ଶ୍ରୀ ଶ୍ରୀକାନ୍ତ ସାହୁ

୩) ଗଜପତି ଜିଲ୍ଲାର ଜିଲ୍ଲା ସଙ୍ଗଠକ ଭାବରେ ଶ୍ରୀ ଉନ୍ନା ସିମାଞ୍ଚଳ ସ୍ଥାନରେ ଶ୍ରୀ ଗୌରହରି ପଟ୍ଟନାୟକ ରହିଲେ।

ଟ) **ଟ୍ରଷ୍ଟ ସଭ୍ୟ/ସଭ୍ୟାମାନଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ :** ସମ୍ପାଦକ ଏ ସମ୍ପର୍କରେ ଆଲୋଚନା କରି ପ୍ରତ୍ୟେକ ସଭ୍ୟ/ସଭ୍ୟା ଏ ସମ୍ପର୍କରେ କିଛି ଦାୟିତ୍ୱ ବହନ କରିବାକୁ ଅନୁରୋଧ କରିଥିଲେ। ଅତୀତରେ ଟ୍ରଷ୍ଟର ପ୍ରତ୍ୟେକ ସଭ୍ୟସଭ୍ୟାମାନଙ୍କ ମଧ୍ୟରେ କିଛି କିଛି ସ୍କୁଲର ଦାୟିତ୍ୱ ଦିଆଯାଇଥିଲା ଏବଂ ସେସବୁ ସ୍କୁଲକୁ ପରିଦର୍ଶନ କରି ସେମାନଙ୍କର କାର୍ଯ୍ୟକ୍ରମ ଦେଖିବାକୁ ଅନୁରୋଧ କରାଯାଇଥିଲା। ମାତ୍ର ଏହା କରାଯାଇ ପାରିନାହିଁ। ଏକଥା ଆଲୋଚନା

ହେବାପରେ ସିଦ୍ଧାନ୍ତ କରାଗଲା ଯେ ପ୍ରତ୍ୟେକ ସଭ୍ୟସଭ୍ୟାମାନଙ୍କ ମଧ୍ୟରେ କେତୋଟି କରି ଶିକ୍ଷାକେନ୍ଦ୍ରର ଦାୟିତ୍ୱ ଦିଆଯିବ। ସେମାନଙ୍କୁ ଏଥିପାଇଁ ଗୋଟିଏ ପ୍ରଶ୍ନାବଳୀ ଦିଆଯିବ। ଏଇ ପ୍ରଶ୍ନାବଳୀ ତଥା ସ୍କୁଲମାନଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିବାପାଇଁ ଏକ ବିସ୍ତୃତ ଆଲୋଚନାର ଆବଶ୍ୟକତା ରହିଛି। ସେଥିପାଇଁ ଏଇ ପ୍ରଶ୍ନାବଳୀ ପ୍ରସ୍ତୁତ କରିବାପାଇଁ ପ୍ରତ୍ୟେକ ଟ୍ରଷ୍ଟମେମ୍ବରମାନଙ୍କୁ ସେମାନଙ୍କ ମତାମତ ପାଇଁ ପଠାଇଦିଆଯିବ ଏବଂ ପରେ ସମସ୍ତ ଟ୍ରଷ୍ଟ ମେମ୍ବରମାନଙ୍କ ସହିତ ଏହି ବିଷୟରେ ୧୭.୦୨.୨୦୧୯ ଦିନ କଟକ ମାତୃଭବନଠାରେ ଆଲୋଚନା କରାଯିବ। ଅବଶ୍ୟ ଆଲୋଚନା ସମୟରେ ୧୦ ତାରିଖ ପାଇଁ ସ୍ଥିର ହୋଇଥିଲେ ମଧ୍ୟ ସେଦିନ ସରସ୍ୱତୀ ପୂଜା ଥିବା କାରଣରୁ ଅନ୍ୟମାନଙ୍କ ପରାମର୍ଶରେ ଏହାକୁ ୧୭ ତାରିଖ ପାଇଁ ସ୍ଥିର କରାଗଲା। ଏଥିରେ ଟ୍ରଷ୍ଟର ପ୍ରତ୍ୟେକ ସଭ୍ୟ ନିଶ୍ଚିତ ଭାବରେ ଯୋଗଦେବାପାଇଁ ଅନୁରୋଧ କରାଗଲା।

ପରିଚାଳନା ସମିତିର ଏକ ଅଧିକ ଫଳପ୍ରଦ ଆଲୋଚନା ନିମନ୍ତେ ଟ୍ରଷ୍ଟର ପ୍ରତ୍ୟେକ ପରିଚାଳନା ସମିତିର ସଭାର ଅନ୍ତତଃ ୧୫ଦିନ ପୂର୍ବରୁ ସବୁ ସଭ୍ୟସଭ୍ୟାମାନଙ୍କ ନିକଟକୁ ଗୋଟିଏ Agenda ପଠାଇଦିଆଯିବ ଏବଂ ସେମାନେ ସେଥିରେ ଚାହିଁଲେ କୌଣସି ବିଷୟ ମଧ୍ୟ ଯୋଗକରି ପାରିବେ। NLET INFORMATION ନାମରେ ଗୋଟିଏ WhatsApp group କରାଯିବ। ଏଇ ଗ୍ରୁପ୍‌ରେ ସମସ୍ତେ Agenda ପାଇପାରିବେ। ଯଦି କେହି କୌଣସି ବିଷୟ ଯୋଗ କରିବାକୁ ଚାହାନ୍ତି, ତାକୁ ପଠାଇପାରିବେ କିମ୍ବା କପିଳଭାଇଙ୍କ ୯୫୮୩୧୨୮୨୦୨ ନମ୍ବରରେ ଜଣାଇ ପାରିବେ। ସବୁ ସଭ୍ୟସଭ୍ୟାମାନେ ନିଜନିଜର ନମ୍ବର ଏଇ WhatsApp group ଗ୍ରୁପ୍‌ରେ ଚେକ୍ କରିନେବାପାଇଁ ଅନୁରୋଧ।

ପୂର୍ଣ୍ଣାଙ୍ଗ ଶିକ୍ଷାର ସୁବର୍ଣ୍ଣ ଜୟନ୍ତୀ ୨୦୧୯ ଜୁଲାଇରେ ଖଣ୍ଡଗିରିଠାରେ ଆରମ୍ଭ ହୋଇ ବର୍ଷକପରେ କଟକରେ ଉଦ୍‌ଯାପିତ ହେବାର ସ୍ଥିର କରାଗଲା। ଜୁଲାଇ ୧୫, ୧୬ ଏବଂ ୧୭ ରେ ଏହା ଖଣ୍ଡଗିରିଠାରେ ପାଳିତ ହେବ। ଏହା ବ୍ୟତୀତ ଓଡ଼ିଶାର ଆଉ ଦୁଇସ୍ଥାନରେ ସୁନ୍ଦରଗଡ଼ ଏବଂ ବ୍ରହ୍ମପୁରଠାରେ ମଧ୍ୟ ଏହା ପାଳିତ ହେବାପାଇଁ ସ୍ଥିର କରାଗଲା। ଏ ସମ୍ପର୍କରେ ବିଷଦ ବିବରଣୀ ପରେ ପ୍ରଦାନ କରାଯିବ।

**ପରବର୍ତ୍ତୀ ସମ୍ପାଦକ/ଅଧ୍ୟକ୍ଷ ସମ୍ମିଳନୀ ଖଣ୍ଡଗିରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ମାର୍ଚ୍ଚ ୧୬ ଏବଂ ୧୭ ତାରିଖ ୨୦୧୯ ମସିହାରେ ଅନୁଷ୍ଠିତ ହେବ ଏବଂ ନବଜୀବନ ଶିକ୍ଷା ସଂସଦର ପରବର୍ତ୍ତୀ ପରିଚାଳନା ସମିତି ବୈଠକ ୧୭ ତାରିଖ ରବିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଖଣ୍ଡଗିରିଠାରେ ଅନୁଷ୍ଠିତ ହେବ।**

**ସହବନ୍ଧନ:** ନିମ୍ନଲିଖିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡିକୁ ନିମ୍ନ ପ୍ରସ୍ତାବ ମୁତାବକ ସହବନ୍ଧନ କରିବା ପାଇଁ ସିଦ୍ଧାନ୍ତ ନିଆଗଲା।

| | | |
|---|---|---|
| ୧. | କାଟେଣି, କଟକ | ପଞ୍ଚମ ସୋପାନ, ସ୍ଥାୟୀ |
| ୨. | ଧାନସିମୁଳିଆ, ବାଲେଶ୍ୱର | ସପ୍ତମ ସୋପାନ, ସ୍ଥାୟୀ |

| | | |
|---|---|---|
| ୩. | ଦେବକୁମାର, ବାଲେଶ୍ୱର | ଅଷ୍ଟମ ସୋପାନ, ସ୍ଥାୟୀ |
| ୪. | ବରଡିହା, ବାଲେଶ୍ୱର | ଅଷ୍ଟମ ସୋପାନ, ସ୍ଥାୟୀ |
| ୫. | ଘୋଡାଦଣ୍ଡା, କେନ୍ଦ୍ରାପଡ଼ା | ଅଷ୍ଟମ ସୋପାନ, ସ୍ଥାୟୀ |
| ୬. | କଳସପୁର, କେନ୍ଦ୍ରାପଡ଼ା | ଅଷ୍ଟମ ସୋପାନ, ସ୍ଥାୟୀ |
| ୭. | ଚାଇଁପୁର, ଢ଼େଙ୍କାନାଳ | ଅଷ୍ଟମ ସୋପାନ, ସ୍ଥାୟୀ |
| ୮. | ରେଙ୍ଗାଲୀ, ଅନୁଗୁଳ | ଅଷ୍ଟମ ସୋପାନ, ସ୍ଥାୟୀ |
| ୯. | ପଦ୍ମପୁର, ଜଗତସିଂହପୁର | ଅଷ୍ଟମ ସୋପାନ, ସ୍ଥାୟୀ |
| ୧୦. | ଖଇରଙ୍ଗ, ଜଗତସିଂହପୁର | ଅଷ୍ଟମ ସୋପାନ, ସ୍ଥାୟୀ |
| ୧୧. | ଲସ୍ତଲା, ବରଗଡ଼ | ତୃତୀୟ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୧୨. | ମୋଚିବାହାଲ, ସମ୍ବଲପୁର | ତୃତୀୟ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୧୩. | ଆର.ବଡମାଲ, ସମ୍ବଲପୁର | ତୃତୀୟ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୧୪. | ମାଳଆନନ୍ଦପୁର, ଯାଜପୁର | ପଞ୍ଚମ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୧୫. | ଖଇରାପଡା, ବାରଙ୍ଗ, ଖୋର୍ଦ୍ଧା | ସପ୍ତମ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୧୬. | ଷଠି, ବାହାନଗା, ବାଲେଶ୍ୱର | ଅଷ୍ଟମ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୧୭. | ରେମୁଣା, ବାଲେଶ୍ୱର | ଅଷ୍ଟମ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୧୮. | ପାଣ୍ଡୁଆ, ଓଉପଦା, ବାଲେଶ୍ୱର | ଅଷ୍ଟମ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୧୯. | ଅଙ୍ଗାରପଦା, ମୟୁରଭଞ୍ଜ | ଅଷ୍ଟମ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୨୦. | ରାଇବଣିଆ, ବାଲେଶ୍ୱର | ଅଷ୍ଟମ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୨୧. | ମଝିଗଡ଼ିଆ, ସୋଲଗାଡ଼ିଆ, ବାଲେଶ୍ୱର | ଅଷ୍ଟମ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୨୨. | କାଣ୍ଡବିନ୍ଧା, ଢ଼େଙ୍କାନାଳ | ଅଷ୍ଟମ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୨୩. | ଛେଣ୍ଡିପଦା, ଅନୁଗୁଳ | ଅଷ୍ଟମ ସୋପାନ, ଅସ୍ଥାୟୀ ୩ ବର୍ଷ |
| ୨୪. | ବାଲ୍‌ସି, କଳାହାଣ୍ଡି | ପଞ୍ଚମ ସୋପାନ, ଅସ୍ଥାୟୀ ୩ ବର୍ଷ |

ନୂତନ ଓ ପୁନଃ ସହବନ୍ଧନ କରିବା ପାଇଁ ଦରଖାସ୍ତ କରିଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୁଡ଼ିକୁ ପରିଦର୍ଶନ କରି ନିଜ ନିଜର ମତାମତ ତୁରନ୍ତ ପ୍ରଦାନ କରିବା ପାଇଁ ପାର୍ଶ୍ୱଲିଖିତ ବ୍ୟକ୍ତି ମାନଙ୍କୁ ଅନୁରୋଧ କରାଗଲା ।

**ନୂତନ ସହବନ୍ଧନ :**

| | | |
|---|---|---|
| ୧. | ବିଜାଡିହି, ସୁନ୍ଦରଗଡ | ପୂର୍ଣ୍ଣଭାଇ, ବିଭୁଭାଇ, ଡମ୍ବରୁଭାଇ |
| ୨. | ତିରିଂ, ମୟୁରଭଞ୍ଜ | ନାରାୟଣଭାଇ, ଗଣେଶଭାଇ, ଶଶିକାନ୍ତଭାଇ |
| ୩. | କେଶରପୁର, ଘଣ୍ଟେଶ୍ୱର, ଭଦ୍ରକ | ନାରାୟଣଭାଇ, ଲକ୍ଷ୍ମୀଧରଭାଇ, ଶଶିକାନ୍ତଭାଇ |
| ୪. | ଖଟଖଟିଆ, ବୌଦ୍ଧ | ବ୍ରଜଭାଇ, ବିରେନ୍ଦ୍ରଭାଇ, ପ୍ରଫୁଲ୍ଲଭାଇ |
| ୫. | କଣ୍ଟାମାଳ, ବୌଦ୍ଧ | ବ୍ରଜଭାଇ, ବିରେନ୍ଦ୍ରଭାଇ, ପ୍ରଫୁଲ୍ଲଭାଇ |

| | | |
|---|---|---|
| ୬. | କୁହିବାହାଲ, ସୁବର୍ଣ୍ଣପୁର | ବ୍ରଜଭାଇ, ଅଜୟଭାଇ, ମଦନଭାଇ |
| ୬. | ବରୁଣନଗର, କଣାସ, ପୁରୀ | କପିଳଭାଇ, ସୁକାନ୍ତଭାଇ, ତାରେଶ୍ୱରଭାଇ |

**ପୁନଃସହବନ୍ଧନ:**

| | | | |
|---|---|---|---|
| ୧. | ରେଙ୍ଗାଲି, ସମ୍ବଲପୁର | ୫ମ ଶ୍ରେଣୀ | ପୂର୍ଣ୍ଣଭାଇ, ସୁପ୍ରଭାଅପା, ପ୍ରଫୁଲ୍ଲଭାଇ |
| ୨. | ଦିଆମୁଣ୍ଡା, ସୁନ୍ଦରଗଡ | ୭ମ ଶ୍ରେଣୀ | ପୂର୍ଣ୍ଣଭାଇ, ବିଭୁଭାଇ, ଡମ୍ବରୁଭାଇ |
| ୩. | ଦଲକି, ଝାରସୁଗୁଡା | ୭ମ ଶ୍ରେଣୀ | ପୂର୍ଣ୍ଣଭାଇ, ପ୍ରଶାନ୍ତଭାଇ, ଡମ୍ବରୁଭାଇ |
| ୪. | ବ୍ରାହ୍ମଣୀପାଳ, କେନ୍ଦୁଝର | ୭ମ ଶ୍ରେଣୀ | ପୂର୍ଣ୍ଣଭାଇ, ଶ୍ରୀକାନ୍ତଭାଇ, ସର୍ବେଶ୍ୱରଭାଇ |
| ୫. | ବାଙ୍କତାରା, ଗଞ୍ଜାମ | ୭ମ ଶ୍ରେଣୀ | ସୁରେନ୍ଦ୍ରଭାଇ, ଶଶଧରଭାଇ, ଭାଗିରଥୀଭାଇ |
| ୬. | ଖୋଜାପଲ୍ଲୀ, ଗଞ୍ଜାମ | ୮ମ ଶ୍ରେଣୀ | ସୁରେନ୍ଦ୍ରଭାଇ, ଶଶଧରଭାଇ, ଭାଗିରଥୀଭାଇ |
| ୭. | ବିଡିପୁର, ଗଞ୍ଜାମ | ୭ମ ଶ୍ରେଣୀ | ସୁରେନ୍ଦ୍ରଭାଇ, ଶଶଧରଭାଇ, ଭାଗିରଥୀଭାଇ |
| ୮. | ତନରଡା, ଗଞ୍ଜାମ | ୫ମ ଶ୍ରେଣୀ | ସୁରେନ୍ଦ୍ରଭାଇ, ଶଶଧରଭାଇ, ଭାଗିରଥୀଭାଇ |
| ୯. | ପୁରୁଷୋତ୍ତମପୁର,ଗଞ୍ଜାମ | ୮ମ ଶ୍ରେଣୀ | ସୁରେନ୍ଦ୍ରଭାଇ, ଶଶଧରଭାଇ, ଭାଗିରଥୀଭାଇ |
| ୧୦. | ବୋରିଗୁମା, କୋରାପୁଟ | ୫ମ ଶ୍ରେଣୀ | ସୁରେନ୍ଦ୍ରଭାଇ, ପ୍ରଶାନ୍ତଭାଇ, ସୁରେଶଭାଇ |
| ୧୧. | ଈଶ୍ୱରପୁର, ବାହାନଗା, ବାଲେଶ୍ୱର | ୮ମ ଶ୍ରେଣୀ | ନାରାୟଣଭାଇ, ଶରତଭାଇ, ଶଶିକାନ୍ତଭାଇ |
| ୧୨. | ଅଭଣା, ବାଲେଶ୍ୱର | ୮ମ ଶ୍ରେଣୀ | ନାରାୟଣଭାଇ, ଶରତଭାଇ, ଶଶିକାନ୍ତଭାଇ |
| ୧୩. | ହରିଲାଭେଡ଼ା, ମୟୁରଭଞ୍ଜ | ୮ମ ଶ୍ରେଣୀ | ନାରାୟଣଭାଇ, ଗଣେଶଭାଇ, ଶଶିକାନ୍ତଭାଇ |
| ୧୪. | ବି.ସି.ପୁର, ମୟୁରଭଞ୍ଜ | ୮ମ ଶ୍ରେଣୀ | ନାରାୟଣଭାଇ, ଗଣେଶଭାଇ, ଶଶିକାନ୍ତଭାଇ |
| ୧୫. | ବରଜୁପୁର, ମୟୁରଭଞ୍ଜ | ୮ମ ଶ୍ରେଣୀ | ନାରାୟଣଭାଇ, ଗଣେଶଭାଇ, ଶଶିକାନ୍ତଭାଇ |

| | | | |
|---|---|---|---|
| ୧୬. | ଚିଙ୍ଗୁଡିପାଳ, ଯାଜପୁର | ୮ମ ଶ୍ରେଣୀ | ନାରାୟଣଭାଇ, କୈଳାଶଭାଇ, ସର୍ବେଶ୍ୱରଭାଇ |
| ୧୭. | କୁଟାରୀମୁଣ୍ଡା, ଅନୁଗୁଳ | ୮ମ ଶ୍ରେଣୀ | ବିନୋଦଭାଇ, ଅରୁଭାଇ, ଅକ୍ଷୟଭାଇ |
| ୧୮. | ସଞ୍ଜାମୁରା, ଅନୁଗୁଳ | ୮ମ ଶ୍ରେଣୀ | ବିନୋଦଭାଇ, ଅରୁଭାଇ, ଅକ୍ଷୟଭାଇ |
| ୧୯. | ଦୋରଡ, କଟକ | ୮ମ ଶ୍ରେଣୀ | ବିନୋଦଭାଇ, କୈବଲ୍ୟଭାଇ, ସର୍ବେଶ୍ୱରଭାଇ |
| ୨୦. | ନୂଆସର୍‌ସରା, ବରଗଡ଼ | ୮ମ ଶ୍ରେଣୀ | ବ୍ରଜଭାଇ, ରାଧାକାନ୍ତଭାଇ, ପ୍ରଫୁଲ୍ଲଭାଇ |
| ୨୧. | ତାଲଶ୍ରୀଗିଡ଼ା, ବରଗଡ଼ | ୮ମ ଶ୍ରେଣୀ | ବ୍ରଜଭାଇ, ରାଧାକାନ୍ତଭାଇ, ପ୍ରଫୁଲ୍ଲଭାଇ |
| ୨୨. | ଗୁଦାରୀ, କନ୍ଧମାଳ | ୮ମ ଶ୍ରେଣୀ | ବ୍ରଜଭାଇ, ଶିବରାମଭାଇ, ଭାଗିରଥୀଭାଇ |
| ୨୩. | କଶ୍ଚୁପଡ଼ା, କଳାହାଣ୍ଡି | ୮ମ ଶ୍ରେଣୀ | ବ୍ରଜଭାଇ, ଗଣେଶଭାଇ, ସୁରେଶଭାଇ |
| ୨୪. | ପରଳସିଙ୍ଗା, କଳାହାଣ୍ଡି | ୮ମ ଶ୍ରେଣୀ | ବ୍ରଜଭାଇ, ଗଣେଶଭାଇ, ସୁରେଶଭାଇ |
| ୨୫. | ଆମ୍ବଶାଳ, ଜଗତସିଂହପୁର | ୭ମ ଶ୍ରେଣୀ | କପିଳଭାଇ, ରବିଭାଇ, ସର୍ବେଶ୍ୱରଭାଇ |
| ୨୬. | ଗଡକୁଜଙ୍ଗ, ଜଗତସିଂହପୁର | ୭ମ ଶ୍ରେଣୀ | କପିଳଭାଇ, ରବିଭାଇ, ସର୍ବେଶ୍ୱରଭାଇ |
| ୨୭. | ଓଗଳପୁର, ପୁରୀ | ୫ମ ଶ୍ରେଣୀ | କପିଳଭାଇ, ସୁକାନ୍ତଭାଇ, ତାରେଶ୍ୱରଭାଇ |

ଅସ୍ଥାୟୀ ସହବନ୍ଧନ ପାଇଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୁଡ଼ିକ ସମୟ ସୀମା ଅତିକ୍ରମ କରିବା ପୂର୍ବରୁ ସ୍ଥାୟୀ ସହବନ୍ଧନ ପାଇଁ କିମ୍ବା ପୁନଃସହବନ୍ଧନ ପାଇଁ ପୁରୁଣା ସହବନ୍ଧନ ପତ୍ରର ନକଲ ସହିତ ନିଜସ୍ୱ ସ୍କୁଲପ୍ୟାଡରେ ଦରଖାସ୍ତ କରିବାକୁ ଅନୁରୋଧ ।

ନବଜୀବନ ଶିକ୍ଷାସଂସଦର ପରିଚାଳନା ସମିତିର ବୈଠକର ସୁପରିଚାଳନା ତଥା ଆତିଥ୍ୟତା ପାଇଁ ସମ୍ପାଦକ, ଗୋପୀନାଥପୁର ଶିକ୍ଷାକେନ୍ଦ୍ରର ପରିଚାଳନା ସମିତି ତଥା ଅପାଭାଇମାନଙ୍କୁ ଗଭୀର ଧନ୍ୟବାଦ ଜଣାଇଲେ । ମା'ଙ୍କ ମ୍ୟୁଜିକ୍ ସହିତ ସମବେତ ପ୍ରାର୍ଥନା ଏବଂ ମା'ଙ୍କ ଚରଣରେ କୃତଜ୍ଞତା ନିବେଦନ ପୂର୍ବକ ବୈଠକ ସମାପ୍ତ ହେଲା ।

●

# ପୂଜ୍ୟ ଦାଦାଙ୍କର ନବମ ବାର୍ଷିକ ମହାପ୍ରୟାଣ ଦିବସ
## ୦୮.୦୧.୨୦୧୯



ପରମ ପୂଜନୀୟ ଦାଦା,

ଆମ୍ଭମାନଙ୍କର ବିନମ୍ର ପ୍ରଣତି ଗ୍ରହଣ କରନ୍ତୁ। ଆପଣ ସ୍ଥୂଳ ଶରୀର ତ୍ୟାଗ କରିବା ଏହା ମଧ୍ୟରେ ନଅବର୍ଷ ବିତିଗଲାଣି। ଆମ୍ଭେ ଓଡ଼ିଶାର ମାତୃ ସନ୍ତାନଗଣ ଆପଣଙ୍କୁ ଅତ୍ୟନ୍ତ କୃତଜ୍ଞତାର ସହିତ ସ୍ମରଣ କରୁଛୁ। ତାହାହିଁ ଆମକୁ ସଦାସର୍ବଦା ମା'ଙ୍କ କାର୍ଯ୍ୟରେ ପ୍ରେରଣା ପ୍ରଦାନ କରୁଅଛି।

ଆପଣଙ୍କର ସ୍ନେହର
ଓଡ଼ିଶାର ମାତୃସନ୍ତାନଗଣ

THE MATRUBHABAN PATRA

Date of Publication 19.01.2019 JANUARY 2019

RNI Regn. No. 65218/91 Registered OR/CK (C) -22/2018-20

# ଅଣଚାଶତମ ନିଖିଳ ଉତ୍କଳ
# ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ-୨୦୧୯

ସମ୍ମାନନୀୟ ବନ୍ଧୁଗଣ,

ନବବର୍ଷର ଶୁଭେଚ୍ଛା ନେବେ । ପ୍ରତ୍ୟେକ ବର୍ଷପରି ଚଳିତ ବର୍ଷ ମଧ୍ୟ **ଏପ୍ରିଲ ୪ ତାରିଖଠାରୁ ୭ ତାରିଖ** ପର୍ଯ୍ୟନ୍ତ ଦୀର୍ଘ ୪ଦିନ ବ୍ୟାପୀ **୪୯ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ କଟକ ମାତୃଭବନ**ଠାରେ ଅନୁଷ୍ଠିତ ହେବ । ଏପ୍ରିଲ ୪ ତାରିଖ ସନ୍ଧ୍ୟାରେ ଏହି ସମ୍ମିଳନୀ ଉଦ୍‌ଘାଟିତ ହୋଇ ୭ ତାରିଖ ରାତ୍ରରେ ଉଦ୍‌ଯାପିତ ହେବ । ପ୍ରତ୍ୟେକ ଦିନ ପୂର୍ବାହ୍ନ ଅଧିବେଶନମାନଙ୍କରେ ଶ୍ରୀଅରବିନ୍ଦଙ୍କ ଲିଖିତ "ଭାରତୀୟ ସଂସ୍କୃତିର ଆଧାର" ଆଲୋଚନା, ଅପରାହ୍ନ ଅଧିବେଶନମାନଙ୍କରେ ସାଙ୍ଗଠନିକ ଆଲୋଚନା ହେବ ଏବଂ ସାନ୍ଧ୍ୟ ଅଧିବେଶନଗୁଡ଼ିକରେ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିମାନେ ଆଧ୍ୟାତ୍ମିକ ଆଲୋଚନାରେ ଅଂଶଗ୍ରହଣ କରିବେ । ଏହି ଚାରିଦିନର ସମ୍ମିଳନୀ ପାଇଁ ପ୍ରତିନିଧି ଚାନ୍ଦା ପନ୍ଦରଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି ।

ବନ୍ଧୁଗଣ, ଏକ ସମସ୍ୟା ବହୁଳ ସମୟରେ ଆମେ ଆଲୋଚନା କରୁଛୁ ସମାଧାନର ପନ୍ଥା । ଆମେ ସମସ୍ୟାକୁ ନେଇ ଘାଣ୍ଟି ହେଉଛୁ । ସମାଧାନ ଖୋଜୁଛୁ । ଆମ ଧାରାରେ ନୁହେଁ, ମା' ଶ୍ରୀଅରବିନ୍ଦଙ୍କ ଧାରାରେ, ଯାହା କେବଳ ଚେତନାର ପରିବର୍ତ୍ତନରେହିଁ ସମ୍ଭବ ହେବ । ଏକଥା ପରମପ୍ରଭୁ ଶ୍ରୀଅରବିନ୍ଦ ଏବଂ ଦିବ୍ୟ ଜନନୀ ଶ୍ରୀମା ଅନେକବାର ଘୋଷଣା କରିସାରିଛନ୍ତି । ଏହି ସମ୍ମିଳନୀ ଏଥିପାଇଁ ନିଶ୍ଚୟ ଅନେକ ସମାଧାନର ପନ୍ଥା ନିର୍ଦ୍ଦେଶ କରିବ ।

ଏହି ସମ୍ମିଳନୀ ଉପଲକ୍ଷ୍ୟେ ଏକ **ପ୍ରଦର୍ଶନୀ** ଅନୁଷ୍ଠିତ ହେବ ଏବଂ ଏକ **ସ୍ମରଣିକା** ପ୍ରକାଶ ପାଇବ ।

ଏ ସମ୍ପର୍କରେ ଅନ୍ୟାନ୍ୟ ବିବରଣୀ ତଥା ବିଷଦ କାର୍ଯ୍ୟକ୍ରମ "ମାତୃଭବନ ପତ୍ର" ର ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ କରାଯିବ ।

ମାତୃଭବନର ସଭ୍ୟ/ସଭ୍ୟାଗଣ

ସମ୍ପାଦକ - ଗଦାଧର ମିଶ୍ର ପରିଚାଳନା - ପ୍ରସାଦ

Printed, Published & Edited by Sri Gadadhar Mishra on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753013.

E-mail : matrubhaban@gmail.com Please visit us at : www.motherorissa.com